# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଦ୍ୱିତୀୟ ସଂଖ୍ୟା
୧ ଅଗଷ୍ଟ ୨୦୨୨




Publisher : Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022
Mob : 9438621925 / 9937128547

Email : epatrika.cspursahityasansad@gmail.com Website: www.cspursahityasansad.com

# ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦ

## ଇ-ପତ୍ରିକା

ଦ୍ୱିତିୟ ସଂଖ୍ୟା
୦୧ ଅଗଷ୍ଟ ୨୦୨୨

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ଡକ୍ଟର୍ ସଙ୍ଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy


**Editorial Board :**
Prof. Binapani Tripathy
Jashobanta Sethi
Kshyanaprabha Mohanty

**Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

- ସ୍ୱଭାବ କବି ଗଙ୍ଗାଧର ମେହେର


SAI ONENESS ART SCHOOL BHUBANESWAR
ଓଡ଼ିଶା ଶାସନ
SAI ONENESS ART SCHOOL
AFFILIATED BY LALIT KALA ACADEMY
GOVT OF ODISHA
We Provide :-
* ART
* MODERN DANCE
* Zumba / Aerobics
* Odissi
* Music
* Tabla
Admission Open
ADDRESS:
H.O- Mig – 1 – 6/4, Back Side of Market Building
BDA Colony Chandrasekharpur, Bhubaneswar
B.O-1: Mancheswar, B.O.-2: Damana
B.O.-3:Sundarapada Hightech
Mob-9348172852 , 8763277337, 7327097773

# ଇ ପତ୍ରିକାର ଶୁଭ ଉଦ୍‌ଘାଟନ



















## ସମ୍ପାଦକୀୟ

ବର୍ତ୍ତମାନ ର ପରିସ୍ଥିତିରେ ସାହିତ୍ୟ ଏବଂ ସାହିତ୍ୟିକ ଉଭୟଙ୍କୁ ସମୟ ସହିତ ତାଳ ଦେଇ ଚାଲିବାକୁ ବାଧ୍ୟ । ଏହା କେବଳ ଯେ କାଥା ତା' ନୁହେଁ, ବରଂ ବାସ୍ତବତା । ସାମ୍ପ୍ରତିକ ସମୟରେ ପ୍ରଯୁକ୍ତି ବିଦ୍ୟା ଉତ୍କର୍ଷ ହାସଲ କରିଛି ଏବଂ ଆହୁରି ଉତ୍କର୍ଷତା ଆଡ଼କୁ ଗତି କରୁଛି । ଏହି ପ୍ରଯୁକ୍ତି ଜ୍ଞାନ କୌଶଳ ଆମ ଜୀବନର ଅବିଚ୍ଛେଦ୍ୟ ଅଂଶ ବିଶେଷ ହୋଇଉଠିଛି । ଏହାଠୁ ଦୂରେଇ ରହିବା ମଣିଷ ସମାଜ ପାଇଁ ଏକ ଦୁଃସାଧ୍ୟ ବ୍ୟାପାର । ଏହି ବାସ୍ତବତାକୁ ଆଧାର କରି ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ଅନ୍ୟତମ ପ୍ରୟାସ ହେଉଛି ମାସିକ "ଇ-ପତ୍ରିକା" । ଗତ ଜନ୍ମ ସଂଖ୍ୟାଟି ରାଜ୍ୟ ଓ ରାଜ୍ୟ ବାହାରେ ବହୁ ସାହିତ୍ୟିକ ତଥା ସାହିତ୍ୟପ୍ରେମୀଙ୍କ ଠାରେ ପହଞ୍ଚି ବେଶ ଆଦର ଲାଭ କରିବା ଆମ ପାଇଁ ବିଶେଷ ସୁଖଦ ସମ୍ବାଦ । କର୍ମବ୍ୟସ୍ତତା ଭିତରେ ଗତି କରୁଥିବା ଆଜିର ଯୁବ ସମାଜ ସ୍ୱଳ୍ପରେ ବା ଆଭାସ ସାହିତ୍ୟ କୁ ଆଦରି ନେଉଛନ୍ତି ।ସେମାନଙ୍କୁ

ଯୁଗପୋଯୋଗୀ ସାହିତ୍ୟ ପାଠପାଇଁ ଯୋଗାଇ ଦେବାର ଏହି ପ୍ରୟାସ ଅବ୍ୟାହତ ରଖିବାର ସଂକଳ୍ପ ଘୋଷଣା କରୁଛୁ ।ସାହିତ୍ୟିକ ବନ୍ଧୁମାନଙ୍କର ସହଯୋଗ ଏବଂ ପ୍ରିୟ ପାଠକ ମାନଙ୍କର ଏ ଦିଗରେ ଅବଦାନ ରହିଲେ "ଇ-ପତ୍ରିକା" ଆଗାମୀ ଦିନରେ ଅଧିକ ଋଦ୍ଧିମନ୍ତ ହୋଇ ପାରିବ ।

ଆମର ଆଶା ଓ ବିଶ୍ୱାସ ରହିଛି "ଇ-ପତ୍ରିକା" ଆମ ଓଡ଼ିଆ ଭାଷା ସାହିତ୍ୟରେ ଅଗ୍ରଣୀ ଭୂମିକା ନେଇ ପାରିବ ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

75 आज़ादी का अमृत महोत्सव

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୧ |

## ଗଦ୍ୟ ବିଭାଗ

| | | | |
|---|---|---|---|
| ୨. | ଯୋଗୀଙ୍କ ନୀରବ ଭାଷା "ଗୋଧୂଳି" | ମୀନୁ ହୋତା | ୦୫ |
| ୩. | ଥକା ମନ ଚାଲ ଯିବା | ଛନ୍ଦା ମିଶ୍ର | ୦୭ |
| ୪. | ସ୍ମୃତିର ହଜିଲା ପର୍ବ ରଜ | ଡ. ରଶ୍ମି ଦାସ | ୧୦ |
| ୫. | ସ୍ୱୀକାରୋକ୍ତି | ପ୍ରମୋଦ କୁମାର ମହାପାତ୍ର | ୧୨ |
| ୬. | ଶ୍ରୀ ରାଧାଙ୍କ ମାନଭଞ୍ଜନ | ଯଶୋବନ୍ତ ସେଠୀ | ୧୬ |
| ୬. | ସ୍ୱାଭୀମାନ | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୨୨ |
| ୭. | ଗାଁ ମାଟି(କୋଶ୍‌ଲୀ) | ଅଞ୍ଜଳି ଆଚାର୍ଯ୍ୟ | ୨୪ |
| ୮. | ବାଡ଼ି | ପ୍ରଜ୍ଞା ମହାନ୍ତି | ୨୬ |
| ୯. | ଦୁଇଟି ମିନି ଗଳ୍ପ | ମନୋରମା ମିଶ୍ର | ୨୭ |

## ପଦ୍ୟ ବିଭାଗ

| | | | |
|---|---|---|---|
| ୧୦. | ତାକୁ ଦେଖିଛ କି ? | ବିଭୂତି ଭୂଷଣ ମହାପାତ୍ର | ୨୯ |
| ୧୧. | ପୂଣ୍ୟ ଭୂମି ମୋ ଭାରତ | କମଳିନୀ ଦେବୀ | ୩୧ |
| ୧୨. | ଜାତୀୟ ଧ୍ୱଜା | ସିଦ୍ଧାର୍ଥ କୁମାର ମହାପାତ୍ର | ୩୨ |
| ୧୩. | ମମତାରେ ବୋଲା ରାତକ୍ଷୀ | ସ୍ୱର୍ଣ୍ଣଲତା ମହାପାତ୍ର | ୩୩ |
| ୧୪. | ଭୁଲ | ଯଜ୍ଞଦତ୍ତ ସାମନ୍ତରାୟ | ୩୪ |
| ୧୫. | ମନ ଜମା ବୁଝୁନାହିଁ | ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ | ୩୫ |
| ୧୬. | ଅନେକ ଅବ୍ୟକ୍ତ | ବସନ୍ତ ମାଝୀ | ୩୬ |
| ୧୭. | ଗାଆଁ ମୋ ଶିରିକ୍ଷେତର | ବିପିନ୍ ମହାନ୍ତି | ୩୭ |
| ୧୮. | ପରିଭାଷା | ସରୋଜ କୁମାର ଶତପଥୀ | ୩୮ |
| ୧୯. | ଭାଷାର୍ ସୀମ୍‌ନା କାଏଁ ଯେ ? (କୋଶ୍‌ଲୀ) | ନୀରଜ ଦାଶ ଶର୍ମା | ୩୯ |
| ୨୦. | ଅବୁଝା ମନ | ଲୋପାମୁଦ୍ରା ପାତ୍ର | ୪୦ |
| ୨୧. | ବାହୁଡ଼ା ଦଶମୀ | ବିନୋଦିନୀ ଗଉଡ଼ | ୪୧ |
| ୨୨. | ଛ' ଖଣ୍ଡି କାଠ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୪୨ |
| ୨୩. | ଭରା ନଈ | ଭିକାରୀ ଚରଣ ମିଶ୍ର | ୪୩ |
| ୨୪. | ମାଟି | କ୍ଷଣପ୍ରଭା ମହାନ୍ତି | ୪୪ |
| ୨୫. | ବୋଉ | ସ୍ନେହଲତା ପଟ୍ଟନାୟକ | ୪୫ |
| ୨୬. | ସମୟ | କବିତା ନାୟକ | ୪୭ |
| ୨୭. | ନାରୀ | ଗୀତା ମିଶ୍ର | ୪୮ |
| ୨୮. | ଜଗାରେ | ଡ. ମାଙ୍ଗଳିକା ମହାପାତ୍ର | ୪୯ |
| ୨୯. | ସ୍ୱପ୍ନ ସବୁ ଏ ମାଟି ର | ଡ. ପ୍ରବୀଣା ପରିଡ଼ା | ୫୦ |
| ୩୦. | ବର୍ଷୁକୀ ନାଦ | ଜୟଶ୍ରୀ ପଟ୍ଟନାୟକ | ୫୧ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୧. | ଆଉ ନ ଫେରିବାର ମୂହୁର୍ତ୍ତ | ମଞ୍ଜୁଲତା ସିଂ | ୫୨ |
| ୩୨. | ଝରକା | ଜ୍ୟୋତିର୍ମୟୀ ପଣ୍ଡା | ୫୩ |
| ୩୩. | ଖାଲି | ଜାହ୍ନବୀ ଚୌଧୁରୀ | ୫୪ |
| ୩୪. | ଅବସୋସ | ନିହାରିକା ରାୟ ବରାଳ | ୫୫ |
| ୩୫. | ଅଜଣା ବାଟୋଇଟିଏ ମୁଁ | ଶୁଭଲକ୍ଷ୍ମୀ ମହାପାତ୍ର | ୫୬ |
| ୩୫. | କବିତା | ଲକ୍ଷ୍ମୀଧର ପଣ୍ଡା | ୫୭ |
| ୩୭. | ଶେଷ ଟିକେଟ୍ | ଅଧାପକ ଅଜୟ ପଟ୍ଟନାୟକ | ୫୮ |
| ୩୮. | କର୍ମଯୋଗୀ ଗୋପବନ୍ଧୁ | ମାନଗୋବିନ୍ଦ ବାରିକ | ୫୯ |
| ୩୯. | ମାଁ | ରଞ୍ଜିତା ତ୍ରିପାଠୀ | ୬୦ |
| ୪୦. | ଲୀଳା ଖେଳା | ଶମ୍ଭୁନାଥ ରାଉଳ | ୬୧ |
| ୪୧. | ବର୍ଷା | ନମିତା ପାଇକରାୟ | ୬୨ |


**ସ୍ୱାଧୀନତା ର ୭୫ ବର୍ଷ ପୂର୍ତ୍ତି ଅବସରରେ**
**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ଇ-ପତ୍ରିକା ତରଫରୁ**
**ଆପଣ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**



# ଗଦ୍ୟ ବିଭାଗ





# ଯୋଗୀଙ୍କ ନୀରବ ଭାଷା: "ଗୋଧୂଳି"

ମୀନୁ ହୋତା



ସାନ୍ଧ୍ୟ ବା ଗୋଧୂଳି ଭାଷା (Twilight language)କହିଲେ କଣ?

ଭାରତୀୟ ଯୌଗିକ ମତରେ ଭାଷା ବା ବାଣୀ ତିନି ପ୍ରକାରର। ଯଥା: ପରା,ପଶ୍ୟନ୍ତି ଓ ବୈଖରୀ ।

ପାଟିରେ ଧ୍ୱନି ଆକାରରେ ଉଚ୍ଚାରଣ କରାଯାଉଥିବା ଭାଷା କୁ ବୈଖରୀ  ବା କଥିତ ଭାଷା କହନ୍ତି ।ପାଟିରେ ଉଚ୍ଚାରଣ ନ କରି ମନ ଭିତରେ ଚିନ୍ତା କରାଯାଉଥିବା ଇଚ୍ଛା କୁ ପଶ୍ୟନ୍ତି ଭାଷା କହନ୍ତି ।ଏହାର କେନ୍ଦ୍ର ମସ୍ତିଷ୍କ । ହୃଦୟ ଭିତରୁ ଉଠୁଥିବା ସଂକଳ୍ପ କୁ ପରା ବାଣୀ କହନ୍ତି । ଏହି ପରାବାଣୀ କୁ ଗୋଧୂଳି ଭାଷା କହନ୍ତି ।

ଏହାର ଉତ୍ପତ୍ତି ସ୍ଥଳ ଅନାହତ ଚକ୍ର ବା ହୃଦୟ ଚକ୍ର ।ଏହାକୁ ଗୋଧୂଳି ଭାଷା ବା ସାନ୍ଧ୍ୟ ଭାଷା କହିବାର ତାତ୍ପର୍ଯ୍ୟ ହେଉଛି ଯେତେବେଳେ ମଣିଷର ସୁଷୁମ୍ନା ସ୍ୱର ଚାଲୁଥାଏ ସେତେବେଳେ ଅନ୍ତଃକରଣରୁ ଏହି ପରାବାଣୀ ବା ଗୋଧୂଳି ଭାଷା ଅଭିଶାପ ବା ଆଶିର୍ବାଦ ରୂପରେ ପ୍ରକାଶ ପାଏ ।

ସଂସାର ମାୟାରୁ ମୁକ୍ତ ହୋଇଥିବା ଯୋଗୀମାନେ ଏହି ଗୋଧୂଳି ଭାଷାରେ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିଥାନ୍ତି ବା ଭାବ ବିନିମୟ କରିଥାନ୍ତି ।କେତେକ ଯୋଗୀ ବୈଖରୀ ବାଣୀରେ ମଧ୍ୟ ସାନ୍ଧ୍ୟ ଭାଷାରେ କଥାବାର୍ତ୍ତା କରିଥାନ୍ତି ।ଅନାହତ ଚକ୍ର ଜାଗ୍ରତ କରିଥିବା ଜଣେ ଯୋଗୀ ନିଜ ହୃଦୟ ଭିତରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ର ଘଟଣାବଳୀ ଦର୍ଶନ କରିପାରେ ଏବଂ ସଂସାରର ମଙ୍ଗଳ ପାଇଁ ଦୂର ଦୂରାନ୍ତର ରେ ଥିବା ନିଜ ଶିଷ୍ୟ ପାଖକୁ ଗୋଧୂଳି ଭାଷାରେ ସଂଦେଶ ବା ବାର୍ତ୍ତା ପଠାଇ ପାରେ । ଗୁରୁଙ୍କ ବାର୍ତ୍ତା ପହଞ୍ଚିବା କ୍ଷଣି ଶିଷ୍ୟର ହୃଦୟ ଆନ୍ଦୋଳିତ ହୁଏ ଏବଂ ଶିଷ୍ୟ ଧ୍ୟାନରେ ବସିବା କ୍ଷଣି ନିଜ ହୃଦ୍ ଚକ୍ରରେ ଗୁରୁଙ୍କ ସଂଦେଶ ଧରିପାରେ ।

ତେବେ ସୁଷୁମ୍ନା ସ୍ୱର କଣ?

ଯୌଗିକ ମତରେ ମଣିଷ ର ଶ୍ୱାସକ୍ରିୟା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରିବର୍ତ୍ତନ ହେଉଥାଏ ।କେତେବେଳେ ବାମ ନାକପୁଡାରେ ଶ୍ୱାସ ଚାଲୁଥାଏ ।ଆଉ କେତେବେଳେ ଡାହାଣ ନାକ ପୁଡାରେ ଚାଲେ ।ଡାହାଣ ନାକ ପୁଡାର ସ୍ୱରକୁ ସୂର୍ଯ୍ୟ ସ୍ୱର ଓ ବାମ ପୁଡାର ସ୍ୱରକୁ ଚନ୍ଦ୍ର ସ୍ୱର କହନ୍ତି ।ଏହି ଦୁଇ ସ୍ୱର ମସ୍ତିଷ୍କ ଭିତରେ ସୁପ୍ତ କାମନା ବାସନା ଇଚ୍ଛା ଓ ଆବେଗ ଗୁଡିକୁ କାର୍ଯ୍ୟକାରୀ କରନ୍ତି । ଉଭୟ ସ୍ୱର ପରିବର୍ତ୍ତନ ସମୟରେ ଖୁବ୍ ଅଳ୍ପ ସମୟ ପାଇଁ ଶ୍ୱାସକ୍ରିୟା ଆଉ ଗୋଟାଏ ମଧ୍ୟବର୍ତ୍ତି ସ୍ୱର ଦେଇ ପ୍ରବାହିତ ହୁଏ ଏହାକୁ ସୁଷୁମ୍ନା ସ୍ୱର ବୋଲି କହନ୍ତି କାରଣ ଏହା ସୁଷୁମ୍ନା ନାଡି ଦେଇ ପ୍ରବାହିତ ହୁଏ ।

ମେରୁଦଣ୍ଡ ର କଶେରୁକା ଠାରୁ ତିନି ଯୋଡା ନାଡି ମସ୍ତିଷ୍କ ରେ ପହଞ୍ଚି ଚାରିଆଡେ ଖେଳେଇ ହୋଇଥାଏ ।ପିଙ୍ଗଳା ବା ସୂର୍ଯ୍ୟନାଡି । ଇଡା ବା ଚନ୍ଦ୍ର ନାଡି ଓ ମଧ୍ୟବର୍ତ୍ତି ନାଡି ସୁଷୁମ୍ନା ନାଡି ।ଏହି ତିନି ନାଡିରେ ସୂର୍ଯ୍ୟସ୍ୱର ଚନ୍ଦ୍ରସ୍ୱର ଓ ସୁଷୁମ୍ନା ସ୍ୱର ପ୍ରବାହିତ ହୁଅନ୍ତି ।

ସୁଷୁମ୍ନା ନାଡି କୁ Twilight tub କହନ୍ତି କାରଣ ଏହା ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱର ର ସନ୍ଧି ସ୍ୱର ଅଟେ । ଯୋଗୀମାନେ ପ୍ରାଣାୟାମ ପ୍ରକ୍ରିୟାରେ କେବଳ ସୁଷୁମ୍ନା ସ୍ୱରରେ ଶ୍ୱାସକ୍ରିୟା କରିଥାନ୍ତି

ସୁଷୁମ୍ନା ସ୍ୱର ଚାଲୁଥିବା ସମୟରେ ମନ ଓ ଶରୀର ବିକାର ରହିତ ହୋଇ ଶୁଦ୍ଧ ଓ ପବିତ୍ର ହୋଇଯାଆନ୍ତି । ତେଣୁ ସେମାନେ ବିଶେଷ ପ୍ରୟୋଜନ ସମୟରେ ଗୋଧୂଳି ଭାଷାରେ ବାର୍ତ୍ତାଳାପ କରିଥାନ୍ତି ।

ସାଂସାରିକ ଜୀବନରେ ମଧ୍ୟ ସୁଷୁମ୍ନା ସ୍ୱର ଚାଲୁଥିବା ସମୟରେ ମନ ବିନା କାରଣରେ ଅଚାନକ ଆନନ୍ଦ ବା ବିଷାଦ ଅନୁଭବ କରେ ।ଆନନ୍ଦ ସମୟରେ କାହା ଉପରେ ଖୁସି ଥିଲେ ସୁଷୁମ୍ନା ସ୍ୱର ରୂପରେ ଆଶିର୍ବାଦ ରୂପରେ ଅନ୍ତଃକରଣରୁ ଗୋଧୂଳି ଭାଷା ବାହାରେ । ମନ ଦୁଃଖି ଓ ଉଦାସୀନ ଥିଲେ ଅଭିଶାପ ରୂପରେ ଏହି ଭାଷା ବାହାରେ । ସୁଷୁମ୍ନା ସ୍ୱର ସମୟରେ ବାହାରୁଥିବା ଆଶିର୍ବାଦ ଏବଂ ଅଭିଶାପ ଅଧିକାଂଶ ସଫଳ ହୁଏ କିନ୍ତୁ ଶୁଦ୍ଧ ଅନ୍ତଃକରଣ ବ୍ୟକ୍ତିଙ୍କ ଠାରେ ଏହା ଲାଗୁ ଅଟେ । ଯିଏ ଅପେକ୍ଷାକୃତ ଯେତେ ଶୁଦ୍ଧ ଓ ସରଳ ତାର ଅଭିଶାପ ବା ଆଶିର୍ବାଦ ସେତେ ସଫଳ ହୁଏ ।

ଯୋଗୀମାନେ ଶ୍ୱାସକ୍ରିୟା ର ବିଶେଷ କୌଶଳ ପ୍ରାଣାୟାମ  ଦ୍ୱାରା ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱର ଉପରେ ନିୟନ୍ତ୍ରଣ ରଖି କେବଳ ସୁଷୁମ୍ନା ସ୍ୱର ରେ ଶ୍ୱାସକ୍ରିୟା କରନ୍ତି ତେଣୁ ସେମାନେ ବାହ୍ୟ ଶ୍ୱାସକ୍ରିୟା ବିନା ଦୀର୍ଘ ସମୟ ଧରି ଜିବିତ ହୋଇ ରହନ୍ତି । ହିମାଳୟ ର ବରଫାବୃତ ଗୁମ୍ଫା ରେ ରହୁଥିବା ଯୋଗୀ ମାନେ ମାସ ମାସ ଧରି ବାହ୍ୟ ଶ୍ୱାସକ୍ରିୟା ବିନା ସମାଧିସ୍ଥ ରହନ୍ତି କାରଣ ସେମାନେ ସୁଷୁମ୍ନା ସ୍ୱର ଦ୍ୱାରା ଶ୍ୱାସକ୍ରିୟା କରୁଥାନ୍ତି ।

ସାଧାରଣ ମଣିଷର ଶ୍ୱାସକ୍ରିୟା ବନ୍ଦ ହେବା ପରେ ମଣିଷ ମୃତ୍ୟୁ ବରଣ କରିଥାଏ । ଅର୍ଥାତ୍ ତାର ସୂର୍ଯ୍ୟ ଓ ଚନ୍ଦ୍ର ସ୍ୱର ବନ୍ଦ ହୋଇଯାଏ କିନ୍ତୁ ସୁଷୁମ୍ନା ସ୍ୱର ଚାଲୁଥାଏ । ଏହି ସୁଷୁମ୍ନା ସ୍ୱର ସୂକ୍ଷ୍ମ ଶରୀର କୁ ଜିବିତ ଓ କର୍ମକ୍ଷମ ରଖିଥାଏ ତେଣୁ ମଣିଷ ସୂକ୍ଷ୍ମ ଶରୀରରେ ମଧ୍ୟ ଯାତ୍ରା କରି ନିଜର ନୂତନ ଘର ଖୋଜିଥାଏ ।

ଗୋଧୂଳି ଭାଷାରେ ବାର୍ତ୍ତାଳାପ କରିବା ପାଇଁ ନିର୍ମଳ ଅନ୍ତଃକରଣ ଓ ବିଶୁଦ୍ଧ ମନ ର ଆବଶ୍ୟକତା ହୋଇଥାଏ । ନବଜାତ ଶିଶୁଟିଏ ମାଁ ର ହୃଦୟ ଭିତରୁ ଉଠୁଥିବା ଭାବନାକୁ ଠିକ୍ ଭାବରେ ଧରିପାରେ ଏବଂ ନିଜର ଚିକି ଚିକି କୋମଳ ହସ୍ତ ପାଦ ଛାଟି ଆନନ୍ଦରେ ଅବୋଧ ଧ୍ୱନିରେ ମାଁ ର ଭାବନାର ପ୍ରତ୍ୟୁତ୍ତର ଦିଏ । ଏହା ମାଁ ଓ ଶିଶୁ ମଧ୍ୟରେ ଗୋଧୂଳି ଭାଷାର ଆଦାନ ପ୍ରଦାନ ଅଟେ ।

ସଂସାରରେ ସତ୍ୟ ଓ ଧର୍ମ ର ରକ୍ଷା ପାଇଁ କେତେକ ମହାତ୍ମା ସୂକ୍ଷ୍ମ ଶରୀରରେ ଆଜି ଉପଯୁକ୍ତ ଘଟ ର ଅନ୍ୱେଷଣ କରୁଥାନ୍ତି । ବିଶୁଦ୍ଧ ଓ ପବିତ୍ର ଗର୍ଭ  ଖୋଜିବା ପାଇଁ ସେମାନେ ସୁଷୁମ୍ନା ସନ୍ଧି (Twilight) ର ସାହାଯ୍ୟ ନିଅନ୍ତି । ଏହା ର ଆଲୋକରେ ସେମାନେ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ର ଚିତ୍ର ଓ ଘଟଣାବଳୀ କୁ ଏକା ସାଙ୍ଗରେ ଦେଖି ପାରନ୍ତି । ମସ୍ତିଷ୍କ ର ସହସ୍ରାର କେନ୍ଦ୍ରରେ ଏହା ଚନ୍ଦ୍ର ଜ୍ୟୋତ୍ସ୍ନାର ଆଲୋକରେ ଉଦ୍ଭାସିତ ହୋଇଉଠେ । ଯୋଗ୍ୟ ଗର୍ଭ ମିଳିବା ପରେ ସେମାନେ ସଂସାରରେ ଜନ୍ମ ନିଅନ୍ତି । ଏବଂ ଏହି ସୁସମ୍ବାଦ ମଧ୍ୟ  ପରା ଓ ଅପରା ଜଗତରେ ଥିବା ସିଦ୍ଧ ଓ ମହାତ୍ମାଙ୍କ ପାଖକୁ ବ୍ୟାପିଯାଏ । କେହି କେହି ଗୁରୁ ନିଜର ନବ ଜନ୍ମିତ ଶିଷ୍ୟ ପାଖକୁ ଆସି ତାକୁ ଆଶିର୍ବାଦ କରିଥାନ୍ତି ଓ ଗୋଧୂଳି ଭାଷାରେ କିଛି ନିର୍ଦ୍ଦେଶ ଦେଇଥାନ୍ତି ।ତେଣୁ ସିଦ୍ଧ ଓ ମହାତ୍ମାଙ୍କ କ୍ଷେତ୍ରରେ ଶୈଶବ ସମୟରୁ ବୈରାଗ୍ୟ ସୃଷ୍ଟି ହୋଇଥାଏ ଏବଂ ସେମାନେ ବିଲକ୍ଷଣ ପ୍ରତିଭା ଯୁକ୍ତ ହୋଇଥାନ୍ତି  ଏବଂ ସେମାନେ ସାଧାରଣ ଲୋକଙ୍କ ମେଳରେ ଥାଇ ମଧ୍ୟ ଦିବ୍ୟ ଜୀବନର ଅଧିକାରୀ ହୋଇଥାନ୍ତି ।

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୯୭୮୨୨୦୩୭୨

# ଥକା ମନ ଚାଲ ଯିବା

ଛନ୍ଦା ମିଶ୍ର



ଈଶ୍ୱର ଙ୍କ ନିକଟ ରେ ପ୍ରାର୍ଥନା କଲାବେଳେ ଦୁଇଟି ଅଳି କରେ। ପ୍ରଥମ ଟିରେ କହେ,,"ପ୍ରଭୁ, ବିନା ଉଦ୍ଦେଶ୍ୟ ରେ ତୁମେ ତ କିଛି କରନି, ତେଣୁ ଯେଉଁ କାରଣ ଯୋଗୁଁ ମତେ ଏ ସଂସାର କୁ ଆଣିଛ, ସେ କାର୍ଯ୍ୟ କିପରି ସୁଚାରୁ ରୂପେ ସମ୍ପାଦନ କରିବି, ସେଥିପାଇଁ ତୁମେ ହିଁ ହେବ ପଥ ପ୍ରଦର୍ଶକ।"ଏବଂ ଦ୍ୱିତୀୟ ଟି ରେ କହେ "ଠାକୁରେ, ଏତିକି କରୁଣା କରିବ, ଜୀବ ଯିବା ପୂର୍ବରୁ, ସମସ୍ତ ଦୁର୍ଗୁଣ କୁ, ସବୁ ବିକୃତି କୁ ଯେପରି ତ୍ୟାଗ କରି ପାରିବି, ସେତିକି ବ୍ୟବସ୍ଥା କରିବ "। ତେବେ ଠାକୁର ମୋ ପ୍ରାର୍ଥନା କେତେ ଶୁଣନ୍ତି ତା ମୁଁ ଜାଣିନି। ଅବଶ୍ୟ ମୁଁ ଜାଣି କରିବି ବା କଣ ଯେ! ମୋ କାମ ହେଉଛି ଶୁଣେଇବା, ଆଉ ମୁଁ ମୋ କାମ କଲି, ତେଣିକି ତାଙ୍କ କାମ ବିଷୟ ରେ ସେ ବୁଝିବେ...।

ପଣ୍ଡିତେ କହନ୍ତି , ଜଗନ୍ନାଥ ହେଲେ ଅବ୍ୟକ୍ତ, ଅଚିନ୍ତ୍ୟ, ଅସୀମ, ଅବର୍ଣ୍ଣନୀୟ। ସେ ହେଲେ କାନ ନଥାଇ ଶୁଣନ୍ତି, ହାତ ନଥାଇ ବି ଆଲିଙ୍ଗନ କରନ୍ତି, ପାଦ ନଥାଇ ଭକ୍ତ ର ଆକୁଳ ଡାକ ରେ ରତ୍ନ ସିଂହାସନ ଛାଡ଼ି ଧାଇଁ ଆସନ୍ତି ସାହାଯ୍ୟ କରିବା ପାଇଁ। ପଣ୍ଡିତ ଜନ ଙ୍କ ବିଜ୍ଞ ବାଣୀ, ଏ ମୂର୍ଖ କା କାହିଁ ବୁଝେ! ତେବେ ଏତିକି ବୁଝେ, ଯେ ଜଗନ୍ନାଥ ବୋଲି ଯେଉଁ ଦାରୁ ଦେବତା ଟି ଶ୍ରୀକ୍ଷେତ୍ର ପୁରୀରେ ନିଜ ଆସ୍ଥାନ ଜମେଇ ବସିଛନ୍ତି, ତାଙ୍କର ଗୋଟିଏ ଖୁବ୍ ତୀବ୍ର ସମ୍ମୋହନ ଶକ୍ତି ରହିଛି। ତାଙ୍କ ରୂପ ଦର୍ଶନ କରିବା ତ ବେଶ୍ ଦୂର ର କଥା, ମାତ୍ର ତାଙ୍କ ନାମ ତୁଣ୍ଡ ରେ ଧରୁ ଧରୁ, କାନ ରେ ପଡୁ ପଡୁ, ଆଖି ଖୋଲା ଥାଉ ବା ବନ୍ଦ ଥାଉ, ଆଖି ଆଗରେ ନାଚି ଉଠେ ଦୁଇଟି ବଡ଼ା ବଡ଼ା ଚକା ଡୋଳା। ବାସ୍... ହୃଦୟ ହୋଇଉଠେ ବ୍ୟାକୁଳ। ସେ ବ୍ୟାକୁଳତା ହର୍ଷ ର... ବିଷାଦ ର..., ଉଦବେଗ ର.... କେଉଁଥିର, ତା ମୁଁ ଜାଣେନା। ଅଦ୍ଭୁତ ସେହି ବ୍ୟାକୁଳତା ରେ, ଓଠ ରେ ହସ ବି ଖେଳେ, ଆଖି ରେ ଲୁହ ବି ଜକେଇ ଆସେ . ପେଟ ପୁରି ଥିଲେ ବି କେମିତି ଗୋଟେ ଭୋକ ଭୋକ ଭାବ ମନ କୁ ଉଚ୍ଚାଟ କରେ, ଦେହ ହାତ ଆପେ ଶିହରୀ ଉଠେ, ହୋଇଯାଏ ଅବଶ। ତେଣୁ ପୁରୀ ଯିବା କଥା ଉଠିଲେ, ସବୁ ଜରୁରୀ କାମ କୁ ପଛକୁ କରି କାଳିଆ କୁ ଦର୍ଶନ କରିବା ବେଶି ଜରୁରୀ ହୋଇପଡେ। କିନ୍ତୁ କାଳିଆ ତ କାଳିଆ, ସେ ତ ଭାରି ମନ୍ଥୁଆ। ତା ଇଚ୍ଛା ନଥିଲେ, ସେ କୋଉ ଧରା ଛୁଆଁ ଦିଏ କି!

ସେଦିନ କାଳିଆର ବୋଧେ କରୁଣା ହେଲା, ତା ହୋରି ଲାଗିଲା। ଆମେ ପୁରୀ ବାହାରିଲୁ । କେମିତି କେଜାଣି, ଠିକ୍ ବାଟ ମଙ୍ଗଳା ନିକଟ ରେ ପହଞ୍ଚି ଗଲେ ଆପେ ଗୁଣୁଗୁଣୁ ହୋଇ ଗାଇ ଉଠେ ବାଟ ରେ ବାଟ ମଙ୍ଗଳା ଦେଖୁବା ଅଠର ନଳା...। ସାରିଆ ଭିନ ହେଲେ ଏଇ ଗୋଟିଏ ଭଜନ ରଚନା କରିଥିଲେ, କିନ୍ତୁ ଏଇ ଗୋଟିଏ କେତେ କେତେ କୋଟିଏ କୁ ପଛରେ ଛାଡ଼ି ଦେଇ ଆସିଛି। ସତରେ ମନ, ସଂସାର ଜଞ୍ଜାଳ ରେ ଘାଣ୍ଟି ହୋଇ ଅଳି ପଡ଼ିଲେ ଥୋଡ଼େ ଟିକେ କାଳିଆ ସାଆନ୍ତ ର ସାନିଧ୍ୟ। ସେଇ ଚକା ଡୋଳା କୁ ଚାହିଁ ଦେଲେ, ମନ ରେ ଉଠିଯାଏ ଶତ ସିଂହ ର ବଳ। ଲାଗେ, ଅନାଥ ନାଥ ଜଡ ଥାଉ, କି ଭରିଣୀ ପଡୁ, ଅବା ଆସୁ ଝଡ ବାତ୍ୟା, କାଳିଆ ଉପରେ ତ ନାଆ ପାରି କରିବାର ଦାୟିତ୍ୱ, ଆଉ ଡର କାହାକୁ!

ଆମେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଯାଇଥିଲା।

ରିକ୍ସା ବାଲା ଜଣେ ଆସି ଆଗରେ ରିକ୍ସା ରଖି କହିଲେ, ଆସନ୍ତୁ ମନ୍ଦିର ବୁଲେଇ ଆଣିବି। ଅନେକ ଦିନ ରୁ ରିକ୍ସା ରେ ବସି ନଥିଲି। ଖୁବ୍ ଆନନ୍ଦ ରେ ବସିଲୁ। ହେଲେ ଏ କଣ, ମନ୍ଦିର ନିକଟରେ ପହଁଚି ଜାଣିଲୁ, ପ୍ରଭୁ ଙ୍କ ବନକ ଲାଗି ବେଶ ଯୋଗୁଁ ମନ୍ଦିର ଭିତର କୁ ପ୍ରବେଶ ନିଷେଧ। ମନ ମରିଗଲା। ଆଖି ରେ ଭରି ଗଲା ଅଭିମାନ ର ଅଶ୍ରୁ। ଏତେ ବାଟ ରୁ ଧାଇଁ ଆସିଥିଲି ତମ ନୟନ କୁ ଟିକେ ଦେଖିବି ବୋଲି, ଦେଖା ଦେଉଥିଲେ କଣ ନା ଏମିତି ସରି ଯାଉଥାନ୍ତା ଯେ! ପାଖ ରେ ଛିଡା ହୋଇ ଥିବା ଜଣେ କହିଲେ, "ଆମେ ଯେମିତି ଶିଥିଳ ହେଉ, ଠାକୁର ସେମିତି ଏଇ ବନକ ଲାଗି ବେଶ ରେ ଶିଥିଳ ହୁଅନ୍ତି। ଏହି ନୀତି କାନ୍ତି କୁ ନିର୍ଦ୍ଦିଷ୍ଟ କେତେକ ସେବକ କରନ୍ତି"। ପରଦିନ ଆସିବି ବୋଲି ଭାବି ଫେରିଲୁ।

ସକାଳୁ ଗଲା ବେଳକୁ ମନ୍ଦିର ରେ ପ୍ରବଳ ଭିଡ଼। ଆମ ଭଳି ଯେଉଁମାନେ ଆଗ ଦିନ ପ୍ରଭୁ ଙ୍କ ଦର୍ଶନ ପାଇନଥିଲେ, ସମସ୍ତେ ଆଶା ନେଇ ଆସିଛନ୍ତି। କିଏ ଠେଲୁଛି, କିଏ କହୁଣି ମାରୁଛି, କିଏ ପାଦ ଚୁଡ଼ି ଦେଲାଣି କୌଣସି କଥା କୁ ଚିନ୍ତା ନାହିଁ। ଥରେ ସେ ଦୁଇ ଆଖି ଉପରେ ଆଖି ପଡ଼ିଗଲେ, ଆଉ କିଛି ମନେ ରହେ କି! ଦାଦା ନିକଟ କୁ ଭିକାରୁଣୀ ସାଜି କଣ ମାଗିବାକୁ ଆସିଥିଲି ଆଉ କିଛି ମନେ ନାହିଁ। ମୁଁ କଣ ମାଗିବାକୁ ଆସିଥିଲି ଟି... ମନେ ପଡ଼ିଲା ନାହିଁ। ଭାବିଲି, ହଁ ସେ ତ ଅନ୍ତର୍ଯ୍ୟାମୀ ତାଙ୍କୁ କୋଉ କଥା ଅଛପା ଯେ!

ଠିକ୍ ଏତିକବେଳେ ଜୋର୍ ରେ ଧକ୍କା ଟିଏ ଖାଇଲି। ପଡ଼ି ଯାଉ ଯାଉ କଣେ ଧରି ପକାଇଲେ। ଚାହିଁଲା ବେଳକୁ ଦେଖେ ବଙ୍ଗୀୟ ମହିଳା କହୁଛନ୍ତି ପ୍ରବଳ ଠେଲା ଠେଲି। ନିଜକୁ ସମ୍ଭାଳି ଛିଡା ହୋଇଛି କି ନାହିଁ ଖାଇଲି ପୁଣି ଗୋଟିଏ ଧକ୍କା। କହିଲି, ଟିକେ ଠିକ୍ ରେ ଛିଡା ହୁଅନ୍ତୁ। ପାଖରେ ଥିବା ମହିଳା ଜଣକ ଖୁବ୍ ବଡ ପାଟିରେ କିଛି କହିଲେ। ନିଜ ଅଜାଣତ ରେ ପାଟି ରୁ ବାହାରି ଗଲା "ଚୋପ"।

ସଙ୍ଗେ ସଙ୍ଗେ ହେଲି ପ୍ରକୃତିସ୍ଥ। ଲଜ୍ଜା ଓ ମନସ୍ତାପ୍ ର ଭାବନା ନେଇ ବାହାର କୁ ଚାଲି ଆସିଲି।

ଭାବିଲି, ଏ ମୁଁ କହି କଣ.. ମୁଁ ନ ମରି ବଞ୍ଚିଛି କାହିଁ ଯେ.. ଯେଉଁ ଦୁର୍ଗୁଣ ଛାଡ଼ିବି ବୋଲି ଭାବିଥିଲି, ଠାକୁର ଙ୍କ ନିକଟ କୁ ଆସି ତାଙ୍କରି ସମ୍ମୁଖ ରେ ତାହାର ପ୍ରଦର୍ଶନ କଲି! ଧିକ୍ ଏମିତି ଜୀବନ କୁ...। ଏବେ କରିବି କଣ? ଏପରି ମନସ୍ତାପ ନେଇ ଘର କୁ ବି ତ ଫେରି ପାରିବିନି। ଶେଷ ରେ ନିଷ୍ପତ୍ତି ନେଲି, ନା ସେ ମହିଳା ଙ୍କୁ, କ୍ଷମା ପ୍ରାର୍ଥନା କରିବି। ଯେତେ ଯାହା ହେଲେ ମୋ ଠାରୁ ବୟସ ରେ ବଡ଼, ପୁଣି ମୋ ରାଜ୍ୟ କୁ, ମୋ ଇଷ୍ଟ ଙ୍କୁ, ଦର୍ଶନ କରିବାକୁ ଆସି ସେ ଏପରି ତିକ୍ତ ଅନୁଭୂତି ନେଇ ଫେରିବେ, ଏହାତ ବିଲକୁଲ ଖରାପ କଥା ଟିଏ ହେବ।

ଅନେକ ବେଳ ଅପେକ୍ଷା କରି ତାଙ୍କୁ ନ ପାଇ ମା ଲକ୍ଷ୍ମୀ ଙ୍କ ମନ୍ଦିର ଭିତରେ ବାଧ ହୋଇ ପଶିଲି। ସେଠୁ ବାହାରୁଛି, ତାଙ୍କ ଉପରେ ଆଖି ପଡ଼ିଗଲା। ଆନନ୍ଦ ରେ କହିଲି, ହେଉ ସେଇ ଲୋକଟ ତ...। ସେ ବି ବୁଲି ପଡି ମତେ ଚାହିଁଲେ, ଆଖି ରେ ତୀବ୍ର ଅସନ୍ତୋଷ ନେଇ। କ୍ରୋଧ ଜର୍ଜରିତ ସେହି ମହିଳା ଙ୍କ ନିକଟ କୁ ଧାଇଁ ଗଲି। ସେ ସତେ ଯେପରି ପ୍ରସ୍ତୁତ ହୋଇ ଥିଲେ ମତେ ଭଲ କରି ଦୁଇପଦ ଶୁଣେଇ ଦେବା ପାଇଁ। ମୁଁ ତାଙ୍କ ନିକଟ ରେ ପହଞ୍ଚି ଯାଇ, କାନ ଧରି ମୋର ତରଣିତା ହିନ୍ଦୀ ରେ କହିଲି "ମୋର ଭୁଲ୍ ହୋଇଗଲା, ଅଜାଣତ ରେ ଆପଣଙ୍କୁ ଏପରି କହିଲି, ମତେ କ୍ଷମା କରି ଦିଅନ୍ତୁ"।

ନିଆଁ ରେ ପାଣି ପଡ଼ିଲା ପରି ସେ ଶାନ୍ତ ହୋଇ ମତେ କିଛି କ୍ଷଣ ଚାହିଁଲେ। ମୁଁ ଦୋହରାଇଲି ମୋର କଥା। ମୋ ହାତ ଧରି ପକାଇ ସେ କହିଲେ, "ତୁମେ ତ ମୋ ସାନ ଭଉଣୀ ଭଳି, ଭିଡ଼ ଭାଡ଼ ରେ ଏମିତି ହୁଏ।"ଏହାପରେ ମୁଁ ଧରିଥିବା ତୁଳସୀ କୁ ତାଙ୍କୁ ଟିକିଏ ଛିଣ୍ଡାଇ କରି ଦେଲି । ସେ ନେଇ ତୁଣ୍ଡ ରେ ଦେଇ ସାରି ମୋ ପିଠିକି ଥାପୁଡ଼ାଇ ଦେଲେ। ଦୁହେଁ ଦୁହିଁଙ୍କୁ ସସ୍ନେହ ଚାହାଣି ରେ ବିଦାୟ ଦେଲୁ।

ସେଠାରୁ ଫେରିଲା ବେଳକୁ ଆମ ପାଇଁ କାଳିଆ ର ବାଳ ଭୋଗ, କୋରା ଖଇ ଓ ଉଖୁଡ଼ା ଧରି ଅପେକ୍ଷା କରିଥିଲେ, ବନ୍ଦନ ଭଉଣୀ ଙ୍କ ପଣ ନାତି ମିନା ଭଉଣୀ। ତାଙ୍କୁ ପ୍ରଣାମ କରି ତାଙ୍କ ହାତ ରୁ ପ୍ରସାଦ ଧରି ଫେରୁଛି, ପୁଣି ଦେଖା ହୋଇ ଗଲେ ସେହି ମହିଳା। ତାଙ୍କୁ ଓ ତାଙ୍କ ସହ ଥିବା ସହଯାତ୍ରୀ ଙ୍କୁ ସେହି ପ୍ରସାଦ ରୁ ଟିକିଏ ଟିକିଏ ଦେବାରୁ ସେ କହିଲେ, "ଆରେ କିଛି କଥା ନାହିଁ, ସେସବୁ ମୁଁ ଭୁଲି ଗଲିଣି..."। ମୁଁ ଉତ୍ତର ଦେଲି, ନା ନା ଆମର ଏଠି ପ୍ରସାଦ, କେହି ଏକା ଖାଆନ୍ତି ନାହିଁ, ପୁଣି ଆପଣ କାଳିଆ ପାଖକୁ ଆସି ତା ପ୍ରସାଦ ଟିକିଏ ନ ପାଇ ଯିବେ କି! ତାଙ୍କ ସହ ଥିବା ବୃଦ୍ଧ ବୃଦ୍ଧା ମାନେ ପ୍ରସାଦ ଧରି କୃତ୍ୟ କୃତ୍ୟ ହୋଇ ଯାଇଥିଲେ। ଆମକୁ ତାଙ୍କ ରାଜ୍ୟ କୁ ନିମନ୍ତ୍ରଣ କରି ସେ ବିଦାୟ ନେଲେ।

ଗାଡ଼ି ରେ ବସି ଭାବୁଥିଲି, କାଳିଆ ର ଏ କି ଲୀଳା.. ଯେଉଁ ଦୁର୍ଗୁଣ କୁ ଛାଡ଼ିବି କହୁଥିଲି, ତାହାକୁ ଉସୁକାଇ ଦେଲା, ଆଉ ଯେଉଁ କୋରା ଖଇ ପାଇବି ବୋଲି ସ୍ବପ୍ନ ରେ ସୁଦ୍ଧା ଭାବି ନଥିଲି, ତାହା ଦେଇ ମୋ ଆଖିକି ଭରି ଦେଲା...

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦





# ସଂସ୍କୃତିର ହଜିଲା ପର୍ବ 'ରଜ'

ଡକ୍ଟର୍ ରଶ୍ମି ଦାସ

'ବନସ୍ତେ ଡାକିଲା ଗଜ – ବରଷକେ ଥରେ ଆସିଛି ରଜ

ଆସିଛି ରଜ ଲୋ – ଘେନି ନୂଆ ସଜବାଜ'

**'ରଜ' ଯେଉଁ ପର୍ବଟି ଓଡିଆ ସଂସ୍କୃତିର ଏକ ଭାଇଚାରାର ପର୍ବ, ଯାହାପାଇଁ ଉତ୍କଳୀୟ ଜନମାନସରେ ଏକ ଅପୂର୍ବ ଆଲୋଡନ ସୃଷ୍ଟି ହୋଇଥାଏ । ଏହା ହେଉଛି ସଂସ୍କୃତିର ଏକ ନିଆରା ପର୍ବ, ଯେଉଁ ପର୍ବକୁ ପାଳନ କରିବା ପାଇଁ ବିଦେଶରେ ଥିବା ମଣ-ଷମାନେ ଗାଁ କୁ ଫେରିଥାନ୍ତି । ସେଥିାଇଁ ମାନସିକ,ଶାରୀରିକ ଓ ଆର୍ଥିକ ପ୍ରସ୍ତୁତି ମଧ ଚାଲିଥାଏ ଅନେକ ମାସ ପୂର୍ବରୁ । ଲୋକମାନଙ୍କ ମନରେ ଏଥିାଇଁ ଉତ୍ସାହ ମଧ ବହୁ ଅଧିକ ଥାଏ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ, ଝିଅ, ବୋହୁ ଏମିତିକି ବିଛଣା ଧରିଥିବା ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ଏଥିରୁ ବାଦ୍ ଯାଆନ୍ତି ନାହିଁ । ଖରାଛୁଟିଟି ଏଇଥିାଇଁ ସମସ୍ତଙ୍କର ପ୍ରିୟ ହୋଇଥାଏ ।**

ବୈଶାଖ ମାସ ଶେଷ ଓ ଜ୍ୟେଷ୍ଠ ମାସର ଆରମ୍ଭରେ ରଜପର୍ବ ପଡିଥାଏ । ଏହାକୁ ଝିଅମାନଙ୍କ ନିମିତ୍ତ ଶ୍ରେଷ୍ଠ ପର୍ବ ବୋଲି ଧରାଯାଇଥାଏ । ରଜ ତିନିଦିନ ଧରି ପାଳନ କରାଯାଏ । ଏହା ପୁଣି ଭିନ୍ନ ଭିନ୍ନ ପ୍ରକାରର । ପ୍ରଥମରେ ସଜବାଜ - ଅର୍ଥାତ୍ ଏହି ଦିନ ଝିଅମାନେ ହଳଦୀ, ତେଲ, ଲଗାଇ ସ୍ନାନ ସମାପନ କରିସାରିଲା ପରେ ଗୋଡରେ ଅଳତା, ମଥାରେ ଚନ୍ଦନ ଟି ।, ମୁଣ୍ଡରେ କେଶକୁ ସୁନ୍ଦର ଓ ସୁସଜ୍ଜିତ କରି ଫୁଲ ଦେଇ ବେଣୀ ବାନ୍ଧିବା, ନୂଆ ନୂଆ ଢ଼ଙ୍ଗରେ ଚୁଡି, ଟିପା ଲଗାଇବା ଓ ନୂଆ ପୋଷାକ ପିନ୍ଧିବା ଆଦି କାର୍ଯ୍ୟ ସମାପନ କରିଥାଆନ୍ତି । ଏଇ ଦିନଟି ସ୍ୱତନ୍ତ୍ର ରଜର ପୂର୍ବ ପ୍ରସ୍ତୁତି ଥାଏ । ଅନେକ ଗାଁରେ 'ରଜଘର' ଥାଏ ଯେଉଁଠି ସାହି ଝିଅମାନେ ଏକତ୍ରିତ ହୁଅନ୍ତି । ରଜ ତିନିଦିନ ପର୍ଯ୍ୟନ୍ତ ସେମାନେ ସେ ଘରୁ ବାହାରକୁ ବାହାନ୍ତି ନାହିଁ । ଅର୍ଥାତ୍ ଲୋକକଥା ଅନୁଯାୟୀ 'ଅଣ୍ଡିଆ କାଉ' ମୁହଁ ମଧ ସେମାନେ ଚାହିଁବେ ନାହିଁ । ସେମାନେ ସେହି ଘର ଭିତରେ ଭିନ୍ନ ଭିନ୍ନ ଭାବରେ କେତେଗୁଡିଏ ଦୋଳି (ଯଦି ଛୋଟ ଯାଗା ଥାଏ ସେହି ଅନୁସାରେ ଦୋଳି) ଲାଗିଥାଏ । ସାହିର ଜଣେ ବୟସ୍କା ସ୍ତ୍ରୀ ଲୋକ ସେମାନଙ୍କ ପଖାପାଖି ରୁହନ୍ତି । ସେହିଘର ଭିତରେ ଝିଅମାନେ ଗୀତ ଗାଇବା, ଲୁଡୁ ଖେଳିବା, ପୁଚି ଖେଳିବା, ଦଉଡିଡିଆଁ ଆଦି ଅନେକ ପ୍ରକାରର ଖେଳ ସହିତ ଦୋଳି ଖେଳ ଖେଳନ୍ତି । ସକାଳ ଜଳଖିଆ ଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ରକମ ରକମର ସୁସ୍ୱାଦୁ ଖାଦ୍ୟ ସେମାନଙ୍କ ନିକଟରେ ପହଞ୍ଚିଥାଏ । ରଜଘର ସାଙ୍ଗଙ୍କୁ ରଜ ପାନ ଏକ ନିଆରା କଥା । ଯଦି ନୂଆ ବୋହୁଟିଏ ସେ ସାହିରେ ଥାଏ ତାହେଲେ ସେ ମଧ ଏଇ ରଜଘରେ ସାମିଲ ହୁଏ । ରଜ ପାନ ଭାଙ୍ଗି ଆର ସାହିକୁ ପଠାଯାଏ । ଏହା ସହିତ ପିଠା, ମିଠା, କାକରା, ଆରିସା, ଫଳମୂଳ ଆଦି ମଧ ସୁସଜ୍ଜିତ ଭାବରେ ଦିଆଯାଏ । କେଉଁ ସାହି ଝିଅ କି ରି ପାନ ଭାଙ୍ଗିଛି, କିରି ଡାଲାରେ ସଜାଇଛି ତାହା ହିଁ ଆଉ ସାହି ପାଇଁ ଚର୍ଚ୍ଚାର ବିଷୟ ଅଟେ । ପାନ ବାଣ୍ଟିବା ପାଇଁ ଛୋଟ ଛୋଟ ଝିଅ ମାନଙ୍କୁ ପଠା ଯାଇଥାଏ । ରଜଘରର ଗୁମର କଥା ଅର୍ଥାତ୍ ଦୋଳି ସଜା, ଡାଲା ସଜା, ଝିଅ ମାନଙ୍କର ମଥା ବନ୍ଧା, ଅଳତା, ପିନ୍ଧା, ଆଦି ସଜବାଜ କଥା ସେହି ଝିଅ ଖବର କରନ୍ତି । ଗୋଟିଏ ସାହିରୁ ଆରସାହିକୁ ବା ଗୋଟିଏ ଗାଁରୁ ଆର ଗାଁକୁ । ରଜ ଗୀତର ମଧ ସେତିକି ପ୍ରତିଯୋଗୀତା ଥାଏ ଏହି ସମୟରେ । ଯୋଡା ଦୋଳୀରେ ଦୁଇଗାଁର ଝିଅ ବସି ରଜଗୀତର ପ୍ରତିଯୋଗୀତା କରନ୍ତି । ପ୍ରତିଯୋଗୀତାର ହାର୍‌ଜିତ୍ ମନୋଭାବ ଥିଲେ ମଧ ତାହା ପ୍ରକାଶ୍ୟ ନୁହେଁ । ପାନ ବାଣ୍ଟିବାକୁ ଆସିଥିବା ଝିଅମାନଙ୍କୁ ରଜଘରେ ସୁନ୍ଦର ଭାବରେ ଆପ୍ୟାୟିତ କରାଯାଇ ଥାଏ । ଗୋଟିଏ ମଧୁର ସଂପର୍କର ଭିତରେ ରଜପର୍ବ ଚାଲେ ।

"ପଟା ତଳେ ଗଲା ଭାଲୁ, ବଟା କଦଳୀକୁ କାହାକୁ ଦେଲୁ

କାହାକୁ ଦେଲୁ ଲୋ, ପୁଅକୁ ନୁଖୁରା କଲୁ । "

ରଜରେ ପୁଅମାନେ ବି ଅନୁରୂ ଭାବେ କବାଡି, କ୍ରିକେଟ୍, ଦୋଳି ଆଦି ଖେଳ ଖଳନ୍ତି । ପଡିଆ, ଗାଁ ତୋଟା, ନଈକୂଳ ସବୁଠି ଭିନ୍ନ ଭିନ୍ନ ପ୍ରକାରର ଦୋଳି ଲଗାଯାଇଥାଏ । ସେଗୁଡିକ ଯଥାକ୍ରମେ କତା ଦୋଳି, ପଟା ଦୋଳି, ବାଉଁଶ ଦୋଳି, ଚକିରି ଦୋଳି ଇତ୍ୟାଦି । ଏହା ସହିତ ମୁଢ଼ି ନଡିଆର ମଜା କିଛି ନିଆରା ଥାଏ । ମାତ୍ର ଝିଅମାନଙ୍କର ଅଧିକ କିଛି ପ୍ରାଧାନ୍ୟତା ଥାଏ ଏହି ପର୍ବରେ ।

ନିୟମାନୁସାରେ କୃଷିକାର୍ଯ୍ୟ, ଚୁଲି, ଢ଼ିଙ୍କି, ହେମଦସ୍ତା, କୋରଣା ଫେଷା, ଶିଳ, ରୋଷେଇ ଆଦିକୁ ଏହି ସମୟରେ ନିଷିଦ୍ଧ କରାଯାଇ ଥାଏ । କାରଣ ପୃଥିବୀ ମାତା ଏଇ ତିନିଦିନ ରଜସ୍ୱଳା ଥାଏ । ତେଣୁ କୌଣସି ଦେବୀଙ୍କୁ ମଧ ପୂଜା ଅର୍ଚ୍ଚନା କରାଯାଏ ନାହିଁ । ଏଇ ତିନିଦିନ ଘରର ମୁଖ୍ୟ ଚୁଲିରେ ଇନ୍ଧନ ଦିଆଯାଇ ନଥାଏ । ଘରର ବୟସ୍କ ମହିଳା ବା ପୁରୁଷ ଲୋକମାନେ ଅନ୍ୟ ଏକ ଚୁଲି ବା ଇଟା ଥୋଇ ମାଛ, ମାଂସ ଆଦି ଖାଦ୍ୟ ପ୍ରସ୍ତୁତି କରିଥାନ୍ତି । ଦରକାରୀ ମସଲା ସରଞ୍ଜାମ ଆଗରୁ ପ୍ରସ୍ତୁତ ହୋଇଥାଏ । ସନ୍ଧ୍ୟା ପୂର୍ବରୁ ଝିଅମାନଙ୍କ ପାଇଁ ଖାଦ୍ୟ ରଜଘରକୁ ଦିଆଯାଇଥାଏ । କାରଣ ରାତ୍ରଭୋଜନ ନିଷିଦ୍ଧ ଅଟେ ।

ତିନିଦିନ ରଜରେ ପ୍ରଥମ ରଜରେ ସମସ୍ତ ପିଠାପଣା ଖାଇବା ପିଇବା ଇତ୍ୟାଦି ଯାହା ସବୁ ବ୍ୟବସ୍ଥା ଅନୁଯାୟୀ ପାଳନ କରାଯିବ । ଦ୍ୱିତୀୟ ରଜରେ ସଂକ୍ରାନ୍ତି ଯାହାକୁ ରଜସଂକ୍ରାନ୍ତି ବୋଲି କୁହାଯାଏ । ଏଇ ସଂକ୍ରାନ୍ତିରେ କୌଣସି ହୋମ ଯଜ୍ଞ କରାଯାଇ ନଥାଏ । କାରଣ ପୃଥିବୀମାତା ରଜସ୍ୱଳା ଥାଆନ୍ତି । ଝିଅମାନେ ସେହି ରି ସଜବାଜ ପରି ।ଟୀରେ ସଜ୍ଜିତ ଥାଆନ୍ତି । ତୃତୀୟ ରଜ ଦିନ ଭୂଇଁଦଅଣ । ଏଇ ଦିନ ଝିଅମାନେ ଭୂମିକୁ ସ୍ୱର୍ଶ ନକରିବା ପାଇଁ ଗୁଆଖୋଳପା ଓ କଦଳୀ ପାଟୁଙ୍ଗାରେ ଗୋଡରେ ବାନ୍ଧନ୍ତି । ତଳେ ନ ବସି ମଶିଣା ଓ ଆସନ ଉପରେ ବସନ୍ତି । ପୃଥିବୀ ମାତାକୁ କଷ୍ଟ ନଦେବା ପାଇଁ କ୍ଷମା ପ୍ରାର୍ଥନା ପୂର୍ବକ ଆଙ୍ଗୁଠିରେ କୁଟା ବାନ୍ଧି ଭୂମି ଉପରେ ପାଦ ରଖନ୍ତି । ଶେଷଦିନ ଅର୍ଥାତ୍ ୪ର୍ଥ ଦିନ ବସୁମତୀ ସ୍ନାନ । ସେଦିନ ଝିଅମାନେ ପାହାନ୍ତାରୁ ଉଠି ଗାଧୁଆ ପାଧୁଆ କାର୍ଯ୍ୟ ସାରି, ଭୂମି ଉପରେ ଲିପାପୋଛା କରି ଏକ ପିଢ଼ା ଥୋଇକରି ତା' ଉପରେ ଶିଳପୁଆ ସ୍ଥାପନ କରନ୍ତି । ଏହି ଶିଳପୁଆକୁ ହଳଦୀ ପାଣିରେ ସ୍ନାନ କରାଇ, ଶୋରିଷ ଦେଇ ନୂତନ କପଡା ପିନ୍ଧାଇ ଏହାର ଫୁଲ, ଦୀପ, ଧୂ ଓ ଗୁଡପଣା ସହିତ ବିଭିନ୍ନ ଭୋଗ ଦିଆଯାଇ ରଜପର୍ବର ଉଦ୍‌ଯାପନ ହୁଏ ।

ଏହା ପରେ ବସୁଧା ମାତା ଉପରେ ଆଶାଢ଼ର ବାରିତ ହୋଇ ଧରାଶିକ୍ତ ହୁଏ । ପଲବ, ଶସ୍ୟଶ୍ୟାମା ହୁଏ, ସ୍ୱର୍ଣ୍ଣ ପ୍ରସୂ ହୁଏ ମା' ଧରିତ୍ରୀ । ମାତ୍ର ବର୍ତ୍ତମାନ ଅତ୍ୟାଧୁନିକ ସଭ୍ୟତାରେ 'ରଜ' କେବଳ ଶବ୍ଦ ଭିତ୍ତିକ ଉଚ୍ଚାରଣ ଓ କେତେକ ଅନୁଷ୍ଠାନରେ ସିମୀତ ହୋଇ ରହିଯାଇ ସଂସ୍କୃତିକୁ ବଞ୍ଚାଇବାର ପ୍ରୟାସ କରୁଛୁ ।

'ନଈରେ ପଚା ପଣସ, ଆସ ନୂଆବୋଉ ଗୋ
ବେଦୀରେ ବସ, ବେଦୀରେ ବସ ଗୋ – ଭାଇ ହେବେ ବରବେଶ'

ପ୍ଲଟ୍ ନଂ -୨୬୬/୫୭୦୧,
ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର
ମୋ-୮୮୯୫୨ ୧୦୧୦୬



# ସ୍ୱୀକାରୋକ୍ତି

ଅନୁସୃଜନ : ପ୍ରମୋଦ କୁମାର ମହାପାତ୍ର



(Times Of India' ରେ ପ୍ରକାଶିତ ରଚନା ବିଷ୍ଟଙ୍କ ଲିଖିତ '1971:charge of the Grokhas and Other Stories' ର କିଛି ଘଟଣାବଳି ଆଧାରରେ ଓଡ଼ିଆ ଅନୁବାଦ)

ମୁକେଶ ଛେତ୍ରୀପାଲଙ୍କୁ ବର୍ତ୍ତମାନ ୭୧ ବର୍ଷ ।ବହୁ ଭଲ ଅଛନ୍ତି କିନ୍ତୁ ଏବେ ବି ୨୧ ବର୍ଷର ଜିଦ ଯୁବକ, ହଁ,ତାର ରକ୍ତ ଯୁଦ୍ଧରେ

ଅର୍ଜିତ୍ରେଡ୍ ରେ ଥିବା ଡାଲି ଗୋଡ଼। କିନ୍ତୁ ଏହାହିଁ ଦର୍ଶାଉଛି।"ମୁଁ ଦୁଃଖ,କିନ୍ତୁ ମୋ ଜିଦ ଗୁମାନ,କେବଳ ବି ତାହା ଉତ୍ସର୍ଗ କରିବ ନାହିଁ" - ଏହି ଭଳି କହୁଥିଲେ ମୁକେଶ।

୧୯୭୧ ନଭେମ୍ବର ଏକ ଶୀତୁଆ ସକାଳ,ସେ ଅଲଗାଇବି ଦିଲ୍ଲୀ ର ଭଳେ ଛାତ୍ର 'ଏକ' ଅଛନ୍ତି young officer course ଅନ୍ତର୍ଗତ ଜଗଧରେ ଟ୍ରେନିଂରେ, ଯାହା ଏ ଜଟାଟ୍ ଅଧ ରୁ ଛାଡି ଚାଲି ଆସିବାକୁ ପଡିଲା ଯୁଦ୍ଧ ପାଇଁ। ଆମ ଅଫିସର ମାନଙ୍କ ଭଳି ତାଙ୍କୁ ବି ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଦେଶ ଥିଲା ।ତେଣୁ ଦିଲ୍ଲୀ ରୁ ବସ୍ ପାଞ୍ଚଶୋଲ୍ ରେ ଉଠିବା ପୂର୍ବରୁ ସେଇ ମନ୍ଦ ଭେଲ ଗଣ୍ଡା କାଟାଙ୍କ ପାଖୁ ଉପରେ ସ୍ମୃତିରେ ପାଉଥିବା ଜାଣ ବାରକ୍ ରେ ଦିଲ୍ଲୀ ସ୍ଥିତ ନିଜ ଘରକୁ ଅରେ ବୁଲି ଆସିବା ପାଇଁ ଯିବାକୁ ଲାଗୁଥିଲା ଅଛନ୍ତି।

"ସେ ଦିନ ମୁଁ ଘରେ ଥିଲି," - ମୁକେଶ ମନେ ପକାଇ ଥିଲେ, "ଅଚ୍ଛା ତା କାଲକ୍ ପାଇଁ କରି ଘରକୁ ଧୀରେ ଧୀରେ ପ୍ରବେଶ କଲା,କି ପୁରତ୍ ଦିଶୁଥିଲା ସେ ଦିନ, ଭଲ ରଙ୍ଗର ଅଟି କର୍ପ୍ ଘୋଡ଼ାଟା ବେଶ୍ ମାନୁଥିଲା ତାଙ୍କୁ ।"

ସେଦିନ ଛେତ୍ରୀପାଲ ପରିବାର ଶାସ୍ତ୍ର ଗର୍ବିତ ଭୋଜନ କଲେ। ତାଙ୍କରି କେତୁଲରେ ଶ୍ରୀମତୀ ଛେତ୍ରୀପାଲ ଯାତ୍ରା କହିଲେ ତାହା ର ଅଟି ପାଇଁ ଏକ ଗଭା ବାଉର ଉତ୍ସବ। ହୋଇଗଲା।ତାଙ୍କର କାଠ ଓ କେବଳ କାଠ ତେଣୁ ପାଇଁ କିପରି ସାହସିକତା ସହିତ କହିଥିଲେ, ତାହା ସ୍ମରଣ କରାଇ ଦେଇ କହିଥିଲେ - " ଅଚ୍ଛା, ଯୁଦ୍ଧରେ କାଠ ଭଳି ରହିବ,ଚାସ୍ତୁରୁ ଯରି ପାଛ ଘୁଞ୍ଚା ଦେବନାହିଁ।"ଅଚ୍ଛା ମା' ଙ୍କ ମୁହଁ ରୁ ବାହାରି ଥିବାକ ଦିନଙ୍କ ଭଳି ଶୁଣାଯାଉଥିଲା।

"ଡିସେମ୍ବରର ପ୍ରଥମ ସପ୍ତାହର ଶେଷ୍ ବୁଲୁଚି ଅସ୍ଥିରିତ ସ୍ଥିତିରିରେ ଥିଲା।ଆମ ପାଖରେ ଗୋଟିଏ ଦିଲେଶା Hitachi transistor ଥିଲା।ଆମେ ସବୁ ତା ପାଖରେ ଗୁଣ୍ଡି ହୋଇ ସବୁ କେବଳ କାନ ପାତି ସେହିଠି ଜିବନ ଶୁଣୁଥିଲୁ,ଯାହା ଯୁଦ୍ଧ କାବ୍ୟରେ ବିସ୍ତୃତ ଭାବରେ ରେପୋର୍ଟ କରୁଥିଲା ।କେତେବେଳେ ବିସ୍ତୃତ କମ୍ ଓ କେତେବେଳେ ବେଶୀ, ମାଜିରେ ମାଜିରେ ତକ ଉପରେ ହୋଇ ଭାସି ଆସୁଥିବା କାଣି ବେଶ୍ ଅସ୍ପଷ୍ଟ ହେଉଛେ ମଧ୍ୟ ଆମେ ଅଠା ପରି ଲାଗି ରହିଥିଲୁ ତା' ସହିତ।"

ମୁକେଶଙ୍କ ମନେ ପଡି ଯାଉଥିଲା - "ଡିସେମ୍ବର ୧୬ ତାରିଖ ରେ ରେଡିଓ ପିଭାଇକ ରେପୋର୍ଟ କଲା କି ଶକରଗଡ଼ ସିକଟରେ ଏକ ଭୀଷଣ ଟେକ୍ ଯୁଦ୍ଧ ଘଟିଛି।ଆମେ ଠିକ୍ ଜାଣି ଥିଲୁ ଅଚ୍ଛା ର ରେଜିମେଣ୍ଟ ସେ ଅଞ୍ଚଳରେ ଥିଲା,ଆମେ ଶଙ୍କା ଗ୍ରସ୍ତ ହେଲୁ।

ପରବର୍ତ୍ତୀ ଦିନ ସକାଳେ ଏକ ଖବର ଶୁଣିଗଲା। କି ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଯୁଦ୍ଧ ବିରାମ ଘୋଷଣା କରିଛନ୍ତି।ଯୁଦ୍ଧ ବନ୍ଦ ନିଶ୍ଚିତ ଭାବରେ ଆମ ପାଇଁ ଏକ ଆଶ୍ୱସ୍ତିର ବିଷୟ। ଅଚ୍ଛାଙ୍କ କୋଠରୀ କୁ ମୀ ରଲ ଭାବେ ସଫା କରି ତାଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ଅତ୍ୟନ୍ତ ଉତ୍ସାହରେ ଓ ବ୍ୟାକୁଳ ହୃଦୟରେ।

ଡିସେମ୍ବର ୧୯ ତାରିଖ। କଲିଙ୍ଗ ବେଲ ବାଜି ଉଠିଲା, ମାଁ କବାଟ ଖୋଲି ଡାକବାଲା ପାଖରୁ ଏକ ଟେଲିଗ୍ରାମ ପାଇ ପଢ଼ି ସ୍ତବ୍ଧ ହୋଇଗଲେ। ଯେଉଁ ଖବର ପାଇଁ ଡରୁଥିଲେ ସେ ଖବର ଆସି ପହଞ୍ଚିଲା। ମାଁ ଖୁବ ଦୃଢ଼ ହୋଇ ଚିତ୍କାର କରି ଉଠିଲେ। ସେଦିନ ସମ୍ପୂର୍ଣ୍ଣ ପୁତ୍ର ହରାଇ ନିଜକୁ ପର ଦିନରେ ଆବଦ୍ଧ କରି ରଖିଲେ ସେହି ଦିନ ପାଇଁ।

୫୦ବର୍ଷ ବିତିଗଲା। ଏ ମଧ୍ୟରେ କ୍ଷେତ୍ରପାଳ ପରିବାରଙ୍କ ଅନେକ କିଛି ଅପୂରଣ। ମୁକେଶ ଆଇଆଇଟି ଦିଲ୍ଲୀ ରୁ ପଢ଼ି ଏବେ ଏକ ବଡ଼ ପଦବୀରେ ରହିଛନ୍ତି ଏବଂ ଏକ କମ୍ପାନୀ ପରିଚାଳନା କରନ୍ତି। ବାପା ମାଆଙ୍କ ପାଖରେ ରହିଛନ୍ତି ସେ ଏବେ।

ଦିଲ୍ଲୀ ଆସିଲେ ବ୍ରିଗେଡିୟର କ୍ଷେତ୍ରପାଳଙ୍କ ଘର ହାତ ଧରି ଦେଖି ମୁକେଶ ଓ ତାଙ୍କ ମାଁ ଚାହିଁ ରହିଯାଇଥିଲେ - କଣ କଣ?

ବ୍ରିଗେଡିୟର ନାସିର - ସେ ଯାଉଥିଲେ 'ସରଗୋଧା', ପାକିସ୍ତାନ ରେ ଥିବା ତାଙ୍କ ପୈତୃକ ଭୂମି ଦେଖିବାକୁ ପୂର୍ବରୁ ଯେଉଁଠି ତାଙ୍କ ପରିବାର ରହୁଥିଲେ ବାସ କରୁଥିଲେ।

- ତୁମେ ପରା ଏବେ ୮୧ ବର୍ଷର ଜଣେ ବୃଦ୍ଧ, ଏ ବୟସରେ ପୁଣି ଯିବ ବୋଲି? ବିସ୍ମୟଚକିତ କରିବା ଭଙ୍ଗୀରେ କହିଲେ ମାଁ ଓ ପୁଅ।

ହେଲେ ତାଙ୍କ କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ବ୍ରିଗେଡିୟର କହିଲେ - "ଚିନ୍ତା କରନି,ମୁଁ ଆଉ ଜଣେ ଅଫିସର ଙ୍କ ସହିତ ଯିବି ଓ ସେଠାରୁ ଫେରି ଆସିବି ଓ ଆଉ ଜଣେ ଅଫିସର।"

ମୁକେଶ କହୁଥାନ୍ତି - "ଆମେ ଚିନ୍ତିତ ଥିଲୁ କେବଳ। ଯେଉଁ ଦିନ ମୁଁ ତାଙ୍କୁ ଏୟାର ପୋର୍ଟ ରୁ ଫେରାଇ ଆଣି ଦେଲି ସେ ଦିନ ତାଙ୍କୁ ଦେଖିବାର କଥା, 'ଏୟାର ଇଣ୍ଡିଆ ଫ୍ଲାଇଟ ରେ ଆସିଲାବେଳେ କେବେ ସେ କେମିତି ଉତ୍ତେଜିତ ହୋଇ ପଡ଼ୁଥିଲେ, ସତରେ ଯେପରି କି ଏକ ଅଭୂତପୂର୍ବ ଘଟଣା ଥିଲା !"

ତିନି ଦିନ ପରେ ପୁଣି ଯେତେବେଳେ ମୁକେଶ ଏୟାର ପୋର୍ଟ ଯାଇ ବାପାଙ୍କୁ ପାଛୋଟି ଆଣିଲେ, ସେତେବେଳେ କିନ୍ତୁ ବାପା ବେଶ୍ ଚୁପ୍ ଥାନ୍ତି ଓ ବିଷର୍ଣ୍ଣ ଜଣା ପଡ଼ୁଥିଲେ ଏପରିକି ଘରେ ମଧ୍ୟ ତାଙ୍କ ଯାତ୍ରା ବାବଦରେ କିଛି ଆଲୋଚନା କରିଲେ ନାହିଁ।

କୋଡିଏ ବର୍ଷର ପରେ ମୁକେଶ 'ଇଣ୍ଡିଆ ଟୁଡେ' ମାଗାଜିନ୍ ରେ ତାଙ୍କ ବାପାଙ୍କ ପାକିସ୍ତାନ ଯାତ୍ରା ଓ ସେହି ଆର୍ମୋର୍ଡ କର୍ପସ୍ ଅଫିସର(armoured corps officer)ଯିଏ କି ତାଙ୍କ ପୁତ୍ରର ହତ୍ୟା ପାଇଁ ଦାୟୀ, ଙ୍କ ସହିତ ମୁଲାକାତ ବାବଦରେ କୋଡିଏ ବର୍ଷ ପରେ ପଢ଼ି ପରେ ମାଁ ଙ୍କ ସହିତ ବାପାଙ୍କ ପାଖକୁ ଯାଇ ପଚାରିଲେ-

- ଏହା ସତ୍ୟ କି?

- ହଁ ସତ୍ୟ।

- ତେବେ ଆମକୁ କହିଲେ ନାହିଁ କାହିଁକି?

- କେମିତି କହାଇ ଥାଆନ୍ତି, ଏହା ତ କୌଣସି ସୁଖଦ ଘଟଣା ନଥିଲା।

ସେତେବେ ଅତି ବଡ଼ିକାରୁ ତାଙ୍କ ସ୍ମୃତିରୁ ସମ୍ପୂର୍ଣ୍ଣ କାହାଣୀଟି ଶୁଣି ପୁଅଙ୍କର ଓ ମିସେସ ଖେତ୍ରପାଳଙ୍କ ଯେଉଁଭଳି ହୋଇ ପଡ଼ିଥିଲା, ସେମାନେ ଏକ ଉଚ୍ଚ ମାନସିକ ଧକ୍କା ଅନୁଭବ କରୁଥିଲେ। ।

****

ସେ ଦିନ ଥିଲା ୧ ମାର୍ଚ୍ଚ, ୨୦୦୧, ସ୍ଥାନ - ଲାହୋର।

Rtd ବ୍ରିଗେଡିଅର ଖ୍ୱାଜା ମହମ୍ମଦ ନାସେର, ଜଣେ ପାକିସ୍ତାନୀ ଆର୍ମି ଅଫିସର, ବ୍ରିଗେଡିଅର ଖେତ୍ରପାଳଙ୍କ ତିନି ଦିନ ଲାହୋର ରହଣି ସମୟରେ ତାଙ୍କର ହିଁ ହୋଷ୍ଟ ଥିଲେ।ତିନି ଭୋଜନ ଟେବୁଲରେ ବ୍ରିଗେଡିଅର ଖେତ୍ରପାଳ ଓ ବ୍ରିଗେଡିଅର ଖ୍ୱାଜା ମହମ୍ମଦ ନାସେର ଥାଉଥିଲେ। ଭୋଜନ ପରେ ବି ବ୍ରିଗେଡିଅର ଖେତ୍ରପାଳ ନିଜ ଦେଶକୁ ଫେରିବା ପୂର୍ବରୁ ଥରେ ବ୍ରିଗେଡିଅର ନାସେରଙ୍କ ଆଖି ଉପରେ ଦୃଷ୍ଟି ପଡ଼ିଲା। ବ୍ରିଗେଡିଅର ନାସେର ଖୁବ୍ ବିଚଳିତ ଲାଗୁଥିଲେ, ମନେହେଉଥିଲେ ଏକ କଥା କହିବା ପାଇଁ ଚାହୁଁଥିଲେ -

"କଣ ଆପଣ ଆଜି ବ୍ରିଗେଡିଅର ସାହେବ୍, ଦେଖୁଥିଲେ, ତାଙ୍କୁ କିଛି ସମୟ କହିବାରେ ବୁଝିବା।"

କହିବାରେ ଧୀରେ ଧୀରେ ପାକିସ୍ତାନୀ ଅଫିସର ଜଣକ ଅତି ବିନମ୍ରତା ର ସହିତ କହିଲେ -

- ମୋ କଥା କହୁଛି କରନ୍ତୁ ମୁଁ ବ୍ରିଗେଡିଅର ସାହେବ୍।

- କେମିତିକା କଥା ସାହେବ୍, ମୁଁ ଶୁଣୁଛି ପରା।

ନିଜ ଠାରୁ ପ୍ରାୟ ୩୦ବର୍ଷ ଛୋଟ, ପୁତ୍ର ବୟସର ସେହି ଲୋକଙ୍କୁ ଅତି ଆତ୍ମୀୟତା ର ସହିତ ଖାଲୁ ଭାବରେ କହିଲେ ବ୍ରିଗେଡିଅର ଖେତ୍ରପାଳ।

ବ୍ରିଗେଡିଅର ନାସେର୍ ଧୀରେ ଧୀରେ କହିଲେ -

"ସାର୍ ମୁଁ ଆପଣଙ୍କୁ କିଛି କହିବାକୁ ଚାହୁଁଛି.... ମୁଁ..ମୁଁ ମଧ୍ୟ ୧୯୭୧ ଯୁଦ୍ଧ ରେ ଅଂଶଗ୍ରହଣ କରିଥିଲି।ସେ ସମୟରେ ମୁଁ ପାକିସ୍ତାନ ଆର୍ମି ର ୧୩ ଲାନସର୍ସ ର ସ୍କ୍ୱାଡ୍ରନ କମାଣ୍ଡର, ଜଣେ ଯୁବ ମେଜର।"

- ୧୩ ଲାନ୍ସର୍ସ ସେହି ରେଜିମେଣ୍ଟ ଯାହାର ବୀର ସୈନିକ ପୁନା ହର୍ସ ର ମୁକାବିଲା ସୈନ୍ୟଙ୍କ ସହିତ ୧୯୪୭ ଭାରତ ବିଭାଜନ ସମୟରେ ଅଦଳ ବଦଳ ହୋଇଥିଲେ ନା।

ଏହାର ଅର୍ଥ ପୁନା ହର୍ସ ରେଜିମେଣ୍ଟ ଥିଲା ସେହି ୧୬ ଡିସେମ୍ବର,୧୯୭୧ ରେ ଭାରତୀୟ ଓ ପାକିସ୍ତାନୀ ସୈନ୍ୟ ବାହୁବଳ ନିଜ ପୁରୁଣା ରେଜିମେଣ୍ଟ ସହିତ ହିଁ ଯୁଦ୍ଧ କରିଥିଲେ।- ବ୍ରିଗେଡିଅର ଖେତ୍ରପାଳ କୁଞ୍ଚିତ କରି ଏହା ପ୍ରକାଶ କଲେ_

- "ଆପଣଙ୍କ ପୁଅଙ୍କର ଆମେ ପୁନା ହର୍ସ ସହିତ ଲଢି ଥିଲୁ – "ସାର୍, ମୁଁ ହିଁ ସେ, ଅରୁଣ ମରିଲା ସେ କି ଆପଣଙ୍କ ପୁତ୍ର ର ହତ୍ୟାକାରୀ!"

ବ୍ରିଗେଡିଅର ଖେତ୍ରପାଳ ବାକ୍ ଶୂନ୍ୟ ହୋଇ ନୀରବରେ ଶୁଣି ଯାଉଥିଲେ।



ଭାରତ ସଞ୍ଚାର ନିଗମ ଲି., ଭୁବନେଶ୍ୱର
ମୋ-୯୪୩୭୫ ୭୮୩୧୧

# ଶ୍ରୀରାଧାଙ୍କ ମାନଭଞ୍ଜନ

ଯଶୋବନ୍ତ ସେଠୀ



ଗାଁ ଭିତରେ ମୁଖ୍ୟରାସ୍ତା ପାର୍ଶ୍ୱକୁ ଲାଗିକରି ଆମର ଘର । ସେଦିନ ସକାଳୁ ସକାଳୁ ଘର ଭିତରେ ଥାଇ ଝରକା ଫାଙ୍କରୁ ଅନେଇ ଦେଖିଲି କିଛି ଦୂରରୁ ଦୁଇଜଣ ପ୍ରାୟତଃ ସମାନ ବୟସର ତରୁଣୀ ଆମ ଘର ଆଡ଼କୁ ଚାଲିଚାଲି ଆସୁଛନ୍ତି । ଦୂରରୁ ଯଦିଓ ସେମାନଙ୍କର ମୁହଁଟିମାନ ପରିଷ୍କାର ଭାବରେ ଚିହ୍ନା ପଡୁନଥିଲା, କିନ୍ତୁ ଏ ଦୁହେଁ ଆମ ଗାଁର ନୁହଁନ୍ତି ଏବଂ ନବାଗତା ବୋଲି ମୁଁ ଦୃଢ଼ ନିଶ୍ଚିତ ଥିଲି । ଆଉ ଟିକିଏ ନିକଟତର ହେବାପରେ ସେମାନଙ୍କ ମଧ୍ୟରୁ ଜଣକର ଚାଲିରୁ ମତେ କାହିଁକି କେଜାଣି ସେ ଚିହ୍ନା ଚିହ୍ନା ଲାଗିଲା । କୌତୁହଳର ସହିତ ଝରକାର ରେଲିଂକୁ ଧରି ଭଲଭାବରେ ନିରୀକ୍ଷଣ କରି ଦେଖିଲି । ସେ ଝିଅଟିର ହାବଭାବ, ଚାଲିଚଳନ, କପାଳ ଉପରକୁ ଓହଳି ଆସି ଫୁରୁଫୁରୁ ହୋଇ ଉଡୁଥିବା କଞ୍ଚୁକୁଞ୍ଚିଆ କେଶ ତଥା ଶାରିରୀକ ଗଠନରୁ ମୁଁ ଶତକଡ଼ା ପଚାଶ ଭାଗ ଦୃଢ଼ ନିଶ୍ଚୟ ହେଲି ଯେ ସେ ହେଉଛି ରେବତୀ ଏବଂ ଅନ୍ୟ ଝିଅଟି ତା'ଠାରୁ ମାତ୍ର ଦେଢ଼ବର୍ଷ ସାନ ଓ ଗୋଟିଏ ଶ୍ରେଣୀ ତଳେ ପଢୁଥିବା ତା' ସାନ ଭଉଣୀ ମିନତୀ । ସେମାନଙ୍କ ରୂପ ଗଢ଼ଣି, ଚାଲିଚଳନ ଓ ପରିପାଟୀର ସାମଞ୍ଜସ୍ୟକୁ କଳ୍ପନା ରାଜ୍ୟରେ ତଉଲୁ ତଉଲୁ ସେମାନେ ଆସି ମୁଁ ଚାହୁଁଥିବା ଝରକାର ଅତି ନିକଟତର ହୋଇଯାଇଥିଲେ ଏବଂ ସେତେବେଳେ ଯାଇ ମୁଁ ନିଶ୍ଚିତ ହେଲି ଯେ ମୋର ଅନୁମାନ ଠିକ୍ ଥିଲା ।

ଆରେ ସତେ ତ ! ସକାଳୁ ସକାଳୁ ଏମାନେ ଏପଟେ କୁଆଡ଼େ ମାଡ଼ି ଆସୁଛନ୍ତି ! ସ୍ୱପ୍ନ ଦେଖିଲା ଭଳି ମତେ ଲାଗିଲା ।

ମିନତୀ ପ୍ରଥମ କରି ଆମ ଗାଁରେ ପାଦ ଦେଉଥିଲା । ରେବତୀ କିନ୍ତୁ ନୂଆକରି ନୁହେଁ; ଦ୍ୱିତୀୟ ଥର ପାଇଁ ଆସୁଛି । ବର୍ଷକ ତଳେ ଥରେ ମୋ' ଦେହ ଖରାପ ହେବା ଯୋଗୁଁ ମୁଁ କଲେଜ ହଷ୍ଟେଲରୁ ସାମୟିକ ଚାଲିଆସି ଘରେ ରହି ଚିକିତ୍ସିତ ହେଉଥିଲି । ସେହି ସମୟରେ ରେବତୀ ବାଟ ପଚାରି ପଚାରି ସାଇକେଲରେ ମୋ'ର ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ହଠାତ୍ ଦିନେ ଆମଘରେ ପହଞ୍ଚିଯାଇ ମତେ ସରପ୍ରାଇଜ୍ ଦେଇଥିଲା । ସେଇଥିପାଇଁ ବୋଧେ ଆମ ଘର ଅତିକ୍ରମ କରି ଯାଉଯାଉ ମିନତୀକୁ ଆମ ଘର ଆଡ଼କୁ ହାତ ଦେଖାଇ ଫୁଟାଣି ମାରି ଏଇଟା ଦୁଷ୍ଟନ୍ତର ଘରବୋଲି ଚିହ୍ନେଇ ଦେଉଥିଲା । ଝରକାଫାଙ୍କରୁ ମୁଁ ଅତି ନିକଟରୁ ହସହସ ମୁହଁରେ ଚାହୁଁଥିବା ବେଳେ ହଠାତ୍ ସେମାନଙ୍କର ଚାରୋଟି ଆଖି ସହିତ ମୋର ଦୁଇ ଆଖିର ମିଳନ ହୋଇଯିବାରୁ ସେ ଦୁହେଁ ଲାଜରେ ଝାଉଁଳି ଗଲେ । ଆମ ଘର ଅତିକ୍ରମ କରି ଯିବା ପର୍ଯ୍ୟନ୍ତ ରେବତୀ ଆଉ ଜମା ଲାଜରେ ମୁହଁଟେକି ଚାହିଁନଥିଲା । କିନ୍ତୁ ମିନତୀ ତାର ସେହି ପୁରୁଣା ସ୍ୱଭାବ ସୁଲଭ ମାଙ୍କଡ଼ାମି କରି ମୋ' ଆଡ଼କୁ ଚାହିଁ ଖତେଇ ହେଇ ଚାଲିଯାଇଥିଲା । ଯୋଉ ଖତେଇ ହେବାର ଅର୍ଥ ମୁଁ ବୁଝିଥିଲି- "ତମେ ଡାକି ନଥିଲେ ବି ରଜ ସଂକ୍ରାନ୍ତିରେ ଆମେ ତମ ଗାଁକୁ ଅଯାଚିତ ଭାବରେ ଯାତଦେଖି ଆସିଛୁ । ଆମକୁ ଏମିତି ଚାହିଁଛ କଣ ପାଇଁ?" ମୁଁ ସାମାନ୍ୟ ହସିଦେଇ ଆଖିବୁଜି ମୁହଁ ତଳକୁ କରି ତାର ଖତେଇ ହେବାକୁ ସ୍ୱୀକାର କଲି ।

ସେଦିନଟି ଥିଲା ରଜ ସଂକ୍ରାନ୍ତି । ରଜ ସଂକ୍ରାନ୍ତି ଅବସରରେ ଆମ ଗାଁରେ ପ୍ରତିବର୍ଷ ମାଆ ମନସା ଦେବୀଙ୍କର ମେଢ଼ ତିଆରି ହୋଇ ବହ୍ୱାଡ଼ମ୍ବରରେ ପୂଜା ଅନୁଷ୍ଠିତ ହୁଏ ଏବଂ ସେହି ପୂଜା ଉପଲକ୍ଷେ ରାତି ବେଳକୁ ଗାଁର ଯୁବକମାନେ ମିଶି ନାଟକଟିଏ ମଞ୍ଚସ୍ଥ କରନ୍ତି । ସେ ବର୍ଷ ମଞ୍ଚସ୍ଥ ହେବାକୁ ଥିବା ନାଟକଟିର ମୁଖ୍ୟନାୟକ ଭାବରେ ଅଧୀନକୁ ସୁଯୋଗ ଦିଆଯାଇଥାଏ ଏକ ରହସ୍ୟ ରୋମାଞ୍ଚଭରା ନାଟକ 'ଭଙ୍ଗାକୋଠାରେ ଝିଅଟି କିଏ'ରେ ଅଭିନୟ କରିବା ପାଇଁ । ଅଭିନେତ୍ରୀ ହିସାବରେ ଦୁଇଜଣ ଲେଡି ଆର୍ଟିଷ୍ଟଙ୍କୁ ବାହାରୁ ଭଡ଼ାରେ ଆଣି ମାସକ ପୂର୍ବରୁ ଗାଁର କ୍ଲବ୍‌ଘରେ ରିହର୍ସାଲ୍ କରାଯାଇଥାଏ ।

ମୁଁ ସେ ବର୍ଷ ବି.ଏ. ଶେଷ ବର୍ଷରେ ଗାଁଠାରୁ ୫୦ କି.ମି ଦୂର କଲେଜ ହଷ୍ଟେଲରେ ରହି ପଢୁଥାଏ । ମୋତେ ମୋ ପାର୍ଟ୍ ଖାତାରେ ମୋ'ର ଡାଏଲଗ୍ ଲେଖି ଦେଇଥା'ନ୍ତି ପଢ଼ି ମୁଖସ୍ଥ କରିବାକୁ । ସବୁଦିନ ନ ହେଲେ ମଧ୍ୟ ମୋର ପୂର୍ବରୁ ଅଭିଜ୍ଞତା ଥିବାରୁ ଶନିବାର, ରବିବାର ତଥା କଲେଜ ଯୋଉଦିନ ଛୁଟିଥାଏ ମୁଁ ଗାଁକୁ ଚାଲିଆସି ରିହର୍ସାଲ୍‌ରେ ଭାଗନେଇ ମୋ' ରୋଲ୍‌କୁ ମୁଁ ଆଡଜଷ୍ଟ୍ କରିନିଏ । ମୋ' ବିପକ୍ଷରେ ମୁଖ୍ୟ ନାୟିକା ଲେଡି ଆର୍ଟିଷ୍ଟ ମିସ୍ ମୀନାକ୍ଷୀ ଥା'ନ୍ତି ।

ରେବକୁ ଦଶ ପନ୍ଦର ଦିନ ପୂର୍ବରୁ ଅବଶ୍ୟ କଲେଜରେ ଥରେ ମୁଁ ଏମିତି ଅଣଆନୁଷ୍ଠାନିକ ଭାବରେ କହି ଦେଇଥିଲି- "ଆମ ଗାଁକୁ ଏଥର ରଜ ସଂକ୍ରାନ୍ତିରେ ଆସୁନ । ଗାଁରେ ପୂଜା ହୁଏ ଏବଂ ସେହି ଉପଲକ୍ଷେ ଆମେ-ମାନେ ନାଟକଟିଏ ମଞ୍ଚସ୍ଥ କରିବୁ । ସେ ନାଟକରେ ମୁଁ ମୁଖ୍ୟ ନାୟକର ଭୂମିକା ତୁଲଉଛି ।" ସେତେବେଳେ ସେ ସ୍ପଷ୍ଟ ଭାବରେ ହଁ କିମ୍ବା ନା କହିନଥିଲେ ମଧ୍ୟ ହୁଏତ ତାହାକୁ ସେ ମୋ' ତରଫରୁ ଆନୁଷ୍ଠାନିକ ନିମନ୍ତ୍ରଣ ବୋଲି ଧରି ନେଇଥିଲା ଏବଂ ବୋଧହୁଏ ମୋ' ଅଭିନୟ ଦେଖିବାକୁ ଇଚ୍ଛାକରି ସାନଭଉଣୀ ମିନତୀକୁ ସାଙ୍ଗରେ ଧରି ଚାଲି ଆସିଥିଲା । ଆମ ଗାଁରେ ତା'ର ଜଣେ ବାନ୍ଧବୀ ଅଛି, ଯେ କି ମୋର ମଧ୍ୟ ସାଙ୍ଗ । ଆମଘର ପାରି ହୋଇ ଆଉ କିଛି ଦୂରରେ ଥିବା ସେହି ବାନ୍ଧବୀର ଘର ଆଡ଼କୁ ଯାଉଥିବାର ଦେଖି ମୁଁ ନିଶ୍ଚିତ ହେଲି ଯେ ତାଙ୍କରି ଘରକୁ କୁଣିଆ ହୋଇ ଉଭୟେ ଯାଉଛନ୍ତି ।

ମୁଁ କିନ୍ତୁ ଥରେ ହେଲେ ମଧ୍ୟ ଭାବିନଥିଲି, ସେ ମୋର ସେଇ ନିମନ୍ତ୍ରଣକୁ ସମ୍ମାନ ଜଣାଇ ଆମ ଗାଁକୁ ଏପରି ଚାଲି ଆସିବ ବୋଲି । ଦୁଇଭଉଣୀ ଆସିଲେ ସିନା, ମୋର କିନ୍ତୁ ଟେନ୍‌ସନ୍ ବଢ଼ିଗଲା । ରେବତୀ ସାମ୍ନାରେ ମୁଁ କେମିତି ସେ ଲେଡିଆର୍ଟିଷ୍ଟ୍ ସହିତ ରେବତୀର ଗାତ୍ରଦାହ ହେଲାଭଳି ଅଭିନୟ ସବୁ କରିବି, ଦିନସାରା ଏଇ କଥା ଭାବି ଭାବି ମୁଖସ୍ଥ କରିଥିବା ଡାଏଲଗ୍ ସବୁ ମୋର ଖାଲି ଏପଟ ସେପଟ ହେବାରେ ଲାଗିଲା । ମୁଁ ଆଉ ସେଦିନ ରାତିରେ ଅଭିନୟ କରିପାରିବି ବୋଲି କାହିଁ ମୋର ମନେ ହେଲାନାହିଁ । ନାଟକ ମଝିରେ ଲଭ୍ ସିନ୍‌ରେ ଲେଡି ଆର୍ଟିଷ୍ଟକୁ ଚୁମ୍ବନ ଦେବା, ହାତ ଧରାଧରି ହୋଇ ନାଚିବା, କୋଳକୁ ଭିଡ଼ିନେଇ ଆଲିଙ୍ଗନ କରିବା, ବାସର ରାତିରେ ମଧୁଶଯ୍ୟା... ବାପ୍‌ରେ ! ଏସବୁ ପୁଣି ରେବତୀ ସାମ୍ନାରେ ! ନାଇଁ, ନାଇଁ, ଏସବୁ ମୋ ଦେଇ ଆଉ ହୋଇ ପାରିବ ନାହିଁ । ଛି ଛି, କି ଛତରା କଥା ! କିନ୍ତୁ ଆଉ ବା ଉପାୟ କାହିଁ? ରିହର୍ସାଲ୍‌ରେ ସିନା ମୋ' ଅନୁପସ୍ଥିତିରେ ଆଉ କେହି ପ୍ରକ୍ସି ମାରି ଦେଉଥିଲେ । କିନ୍ତୁ ସେଦିନତ ସେକଥା ଆଉ ହୋଇପାରିବ ନାହିଁ । ବିନା ହୀରୋରେ ପୁଣି ନାଟକ କେମିତି ହବ ! ଏହିସବୁ ଟେନ୍‌ସନ୍‌ରେ ଦିନସାରା ମୋର ମୁଣ୍ଡ ଆଉ କାମ ଦେଲାନାହିଁ ।

ଯାହା ବି ହେଉ ରାତି ବେଳକୁ କିନ୍ତୁ ଯଥାସମୟରେ ନାଟକ ଆରମ୍ଭ ହେଲା । ପ୍ରଥମେ ମେଲୋଡ଼ି ପ୍ରୋଗ୍ରାମ, ଗାଁର ଛୋଟ ପିଲାଙ୍କ ଦ୍ୱାରା ରେକର୍ଡ ଡ୍ୟାନ୍‌ସ, ତା'ପରେ ପରେ ନାଟକର ପ୍ରଥମ ଦୃଶ୍ୟ । ପ୍ରବଳ ଉତ୍ସାହ, ଉଦ୍ଦୀପନା, କରତାଳି ଓ ଗାଁ ଟୋକାଙ୍କ ଶୁଶୁରୀ ମାଡ଼ ମଧ୍ୟରେ ପ୍ରଥମ ଦୁଇଟି ଦୃଶ୍ୟ ସୁରୁଖୁରୁରେ ଚାଲିଗଲା । ତୃତୀୟ ଦୃଶ୍ୟରେ ହୀରୋ ମାନେ ମୋର ପ୍ରବେଶ । ଲେଡିଜ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ଆଗଧାଡ଼ିର ଠିକ୍ ମଝାମଝି ଚୌକିରେ ରେବତୀ, ମିନତୀ ଓ ଆମ ଗାଁ ଝିଅସାଙ୍ଗ ତିନିହେଁ ବଡ଼ ଉତ୍କଣ୍ଠିତ ନୟନରେ ବସିଥାନ୍ତି । ମୁଁ ଷ୍ଟେଜ୍‌କୁ ଓହ୍ଲେଇ ପ୍ରଥମ ଡାଏଲଗ୍ ଆରମ୍ଭ କରୁ କରୁ ମୋର ନଜର ସିଧା ଯାଇ ରେବତୀ ଉପରେ ଏବଂ ମୁହଁରେ ହାତ ଦେଇ ଓଠ ଚିପିଚିପି ହସୁଥିବା ରେବତୀର ନଜର ମୋ' ଉପରେ ସରଳରେଖାରେ ପଡ଼ିଯିବାରୁ ଆମ ଦୁହିଁଙ୍କ ଚାରିଚକ୍ଷୁର ମହାମିଳନ ଘଟିଲା । ବାଣ୍, ମୋର ଅଭିନୟ ଆରମ୍ଭ ହେଉ ହେଉ ଶେଷ ହୋଇଗଲା । ମୋର ପରବର୍ତ୍ତୀ ଡାଏଲଗ୍ ଆଉ ଜମା ମନେ ପଡିଲାନି । ରେବତୀ ଓ ମିନତୀକୁ ଦେଖି ମୁଁ ସମ୍ପୂର୍ଣ୍ଣ ନର୍ଭସ ତଥା ଅନ୍ୟମନସ୍କ ହୋଇପଡ଼ିଲି । ମୋର ଅଭିନୟ ଓ ଡାଏଲଗ୍ ପ୍ରମ୍ପଟିଂ କରୁଥିବା ଲୋକଠୁ ଡାଏଲଗ୍ ଶୁଣିଶୁଣି ଯଦିଓ ଆଡ୍‌ଜଷ୍ଟ କରୁଥାଏ, କିନ୍ତୁ ଅଭିନୟ ଆଦୌ ଜୀବନ୍ତ ମନେ ହେଉନଥାଏ । ପରେ ପରେ ମୁଁ ଯୋଉ ଦୃଶ୍ୟରେ ପ୍ରବେଶ କରୁଥାଏ, ସେହି ଦୃଶ୍ୟଟି ହିଁ ନାଟକର ସବୁଠୁ ବେଶି ଖରାପ ହେଉଥାଏ । କେହି କିଛି ବୁଝିପାରୁନଥାନ୍ତି ଏଭଳି କାହିଁକି ଘଟୁଛି ବୋଲି । ଷ୍ଟେଜ୍‌କୁ ଯିବା ପୂର୍ବରୁ ପ୍ରତ୍ୟେକଥର ନିର୍ଦ୍ଦେଶକ ମହାଶୟ ମତେ ତାଗିଦ୍ କରି ଛାଡନ୍ତି । କିନ୍ତୁ ରେବତୀ ଆଡକୁ ଆଉ ନ ଚାହିଁଲେ ମଧ୍ୟ ତା'ର ଉପସ୍ଥିତିକୁ ବି ଭିତରେ ଭିତରେ ଅନୁଭବ କରି ଲାଜେଇ ଯାଏ । ପୁଣି ସବୁ ଡାଏଲଗ୍ ଏପଟ ସେପଟ ହୋଇଯାଏ । ଦର୍ଶକମାନଙ୍କ

ଆଡୁ ମୋର ଫାଲ୍‌ତୁ ଅଭିନୟର ପ୍ରତିବାଦ ସ୍ୱରୂପ ହୋ ହଲ୍ଲା ଶବ୍ଦ ଆସି ମୋ' କାନରେ ପହଞ୍ଚୁଥାଏ । କିନ୍ତୁ ସେମାନେ ବା କାହିଁକି ଜାଣନ୍ତେ ମୋର ଏମିତି କାହିଁକି ହେଉଛି ! ସତରେ, ସେ ପର୍ଯ୍ୟନ୍ତ ସାତ ଆଠୋଟି ନାଟକରେ ଅଭିନୟ କରିଥିବାର ଅଭିଜ୍ଞତା ଥିଲେ ମଧ୍ୟ ସେଦିନର ଅଭିନୟ ମୋର ସବୁଠୁ ଖରାପ ଥିଲା ।

ନାଟକଟି ଯଥାକଥା ଚାଲି ପ୍ରାୟ ମଝାମଝି ହେଲାଣି । ଏହି ସିନ୍‌ଟିରେ ନାୟକ-ନାୟିକାଙ୍କର ପ୍ରକୃତ ମିଳନ ହେବାର ଥାଏ । ନାୟକ ନାୟିକାକୁ ଆଲିଙ୍ଗନ କରି ଚୁମ୍ବନ ଆଦାନ ପ୍ରଦାନର ଦୃଶ୍ୟ ଏକ ରୋମାଣ୍ଟିକ୍ ଗୀତର ତାଳେ ତାଳେ ରଙ୍ଗୀନ୍ ପରିବେଶରେ ଆରମ୍ଭ ହୋଇଯାଏ । ହଠାତ୍ ଚୋରା ନଜରରେ ଦେଖିଲି ସାମ୍ନା ଧାଡ଼ିରୁ ରେବତୀ, ମିନତୀ ଓ ସେ ବାନ୍ଧବୀ, ତିନିହେଁ ଯାକ ନିଜ ନିଜ ସ୍ଥାନରୁ ଉଠି ଚାଲିଯାଉଛନ୍ତି । ରେବତୀକୁ ମିନତୀ ଓ ବାନ୍ଧବୀ ଜଣକ ପଛରୁ ଟାଣି ବସିବାକୁ ଅନୁରୋଧ କରୁଥାନ୍ତି, ରେବତୀ ରାଗ ଥମ୍‌ଥମ୍ ହୋଇ ଚାଲିଯାଉଥାଏ ।

ଆଷାଢ଼ ମାସର ପ୍ରଥମ ଦିନଟି ହେଉଛି ରଜ ସଂକ୍ରାନ୍ତି । ଏହି ଦିନଠାରୁ ଚତୁର୍ମାସ୍ୟାର ଆରମ୍ଭ । ବର୍ଷାରାଣୀ ତାର ପାଉଁଜି ଛମ୍‌ଛମ୍ କରି ଧରାପୃଷ୍ଠକୁ ଆଗମନ କରେ । ସତକୁ ସତ ସେହି ମୁହୂର୍ତ୍ତରୁ ହିଁ କୋଉଠି ଥିଲା କେଜାଣି ବିଜୁଳି ଘଡ଼ଘଡ଼ି ମାରି ପ୍ରବଳ ବେଗରେ ପବନ ସାଙ୍ଗକୁ ମୂଷଳ ଧାରାରେ ବର୍ଷାର ତାଣ୍ଡବ ଆରମ୍ଭ ହୋଇଗଲା । ମତେ ଲାଗିଲା ରେବତୀର ରାଗ, ଅଭିମାନ, ବିଷାଦକୁ ସମ୍ମାନ ଜଣାଇ, ମୋ ଉପରେ ଦାଉ ସାଧିବାକୁ ପ୍ରକୃତି ରାଣୀ ଏକ ସଙ୍ଗରେ ବିଜୁଳି, ଘଡ଼ଘଡ଼ି, ଝଡ଼ ତୋଫାନ ଓ ମୂଷଳ ଧାରାରେ ବର୍ଷାର ତାଣ୍ଡବ ରଚିଲା । ଆଉ କେହି ଜାଣୁ ବା ନ ଜାଣୁ, ମୁଁ କିନ୍ତୁ ଠିକ୍ ହୃଦୟଙ୍ଗମ କରିପାରୁଥିଲି ଏହା ଘଡ଼ଘଡ଼ି, ବର୍ଷା କିମ୍ବା ଝଡ଼ତୋଫାନ ନୁହେଁ; ବରଂ ରେବତୀର କ୍ରୋଧର ପ୍ରତିକ୍ରିୟାର କିୟଦଂଶ ମାତ୍ର ।

ମେଘମହ୍ଲାର ଗାଇଲେ ମେଘରୁ ବର୍ଷା ହୁଏ ବୋଲି ମୁଁ ସେପର୍ଯ୍ୟନ୍ତ ଶୁଣିଥିଲି; କିନ୍ତୁ ସେହିଦିନ ସ୍ୱଚକ୍ଷୁରେ ଦେଖିଲା ପରେ ଯାଇ ମୋର ଏକଥା ବିଶ୍ୱାସ ହେଲା । ରେବତୀର କ୍ରୋଧକୁ ମେଘମହ୍ଲାର ଭାବି ପ୍ରକୃତିରାଣୀ ମେଘାସନୀ ପାହାଡ଼ ଆଡୁ ମେଘ ପଠାଇ ବର୍ଷା ମଧ୍ୟ ରଚିଦେଲା । ହଠାତ୍ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଗଲା । ଅନ୍ଧାର ଭିତରେ ଦର୍ଶକମାନେ ଯଥାଶୀଘ୍ର ସେ ଜାଗା ଛାଡ଼ି ଯିଏ ଯୁଆଡ଼େ ପାରିଲେ ଦୌଡ଼ି ପଳେଇବାକୁ ଆରମ୍ଭ କଲେ । ସେଦିନର ନାଟକକୁ ସେହିକ୍ଷଣରୁ ହିଁ ବନ୍ଦ ରଖିବାକୁ ପଡ଼ିଲା ।

ଏସବୁ ପରେ କିନ୍ତୁ ମୁଁ ବର୍ଷାରାଣୀଠାରେ ମହାଭିଯୋଗ ବାଢ଼ିବାକୁ ପଛେଇ ନଥିଲି । ଅଭିଯୋଗଟି ଥିଲା- ନାୟକ ନାୟିକାଙ୍କ ଲଭ୍‌ସିନ୍ ଆରମ୍ଭ ହେବା ପର୍ଯ୍ୟନ୍ତ ତୁ କାହିଁକି ଅପେକ୍ଷା କଲୁ ! ହୁଏତ ଟିକିଏ ଆଗରୁ ବର୍ଷିଥିଲେ କଥାଟା ଏତେବାଟ ଯାଇନଥା'ନ୍ତା । ମୁଁ ଏବେ କରିବି କ'ଣ ! ତାକୁ କେମିତି ମନେଇବି !

ରଜ ଛୁଟି ପରେ ପ୍ରଥମ କରି କଲେଜରେ ରେବତୀକୁ କେମିତି ସାମ୍ନାକରିବି ସେଥିପାଇଁ ଏକ ଦୀର୍ଘସୂତ୍ରୀ ପ୍ରସ୍ତୁତି ପଥରେ ଆଗେଇଗଲି । କଣ ହେବ ମୋ ଅବସ୍ଥା, କି କୈଫିୟତ ଦେବି ତାକୁ ସେ ଯେତେବେଳେ ମତେ ପଚାରିବ- ଯାତ୍ରାପାଇଁ ତମ ଗାଁରେ କେହି ପୁରୁଷ ଲୋକ ମିଳିଲେନି କି, ଯିଏ ଫିମେଲ ରୋଲ୍ କରିପାରିଥାନ୍ତା ? ଲେଡି ଆର୍ଟିଷ୍ଟ୍ ସହିତ ଏତେ ନ୍ୟାଚୁରାଲ୍ ଭଙ୍ଗୀରେ, ପୁଣି ମୋହରି ସାମ୍ନାରେ କିସ୍ କରିବା କଣ ନିହାତି ଜରୁରୀ ଥିଲା ? ଆଲିଙ୍ଗନ ନକରି ମଧ୍ୟ କଣ ଲଭ୍‌ସିନ୍ ହୋଇପାରି ନଥାନ୍ତା ?

ନିଜକୁ ବାରମ୍ୱାର ଧିକ୍କାରୁଥିଲି- କ'ଣ ପାଇଁ ଆ' ବଳଦ ମତେ ବିନ୍ଧ କହି ରେବତୀକୁ ନାଟକ ଦେଖିବାକୁ ନିମନ୍ତ୍ରଣ କଲି ! କିନ୍ତୁ ମୋର ଅଭିନୟକୁ ଆପାତତଃ ଜଣେ ବି ହେଉ ସତ ଭାବିପାରିଛି ବୋଲି ଖୁସି ହୋଇ ମନକୁ ବୁଝେଇ ଦେଉଥିଲି ।

ଏତେସବୁ କ୍ରେଡିଟ୍ ନେବାକୁ ମାରଗୁଲି । ମୁଁ କେମିତି ମୋ ଚାକିରି ବଞ୍ଚେଇବି ସେହି ଚିନ୍ତାରେ ତିନିଚାରି ଦିନ ପର୍ଯ୍ୟନ୍ତ ଖାଇବା ପିଇବା ଭୁଲିଗଲି । ଅନେକ ଭାବିଚିନ୍ତି ଶେଷରେ ସ୍ଥିର କଲି- କଣ୍ଟାକୁ କଣ୍ଟାରେ ହିଁ ଖୋଳିବାକୁ ପଡ଼ିବ । ଅଭିନୟରୁ ସୃଷ୍ଟି ହୋଇଥିବା ରେବତୀର ମାନ ଅଭିମାନକୁ ସେହିପରି ଭାବରେ ନ୍ୟାଚୁରାଲ୍ ଅଭିନୟ ମାଧ୍ୟମରେ ମତେ ଭଞ୍ଜନ କରିବାକୁ ପଡ଼ିବ । ବର୍ତ୍ତମାନ ସମୟ ଆସିଛି, ଯାତ୍ରା ନାଟକ ନୁହେଁ, ବାସ୍ତବ ଅଭିନୟ କୌଶଳ ଦେଖାଇ ମତେ ରେବତୀର 'ପ୍ରିୟତମ' ପଦବୀକୁ ବଞ୍ଚେଇ ରଖିବାକୁ ହେବ ।

ଗାଁରେ ଦୁଇ ଚାରିଦିନ ରହଣି ପରେ ହଷ୍ଟେଲକୁ ବାହୁଡ଼ିଗଲି । କଲେଜ କ୍ୟାମ୍ପସରେ ଏ ଶ୍ରେଣୀଗୃହରୁ ସେ ଶ୍ରେଣୀଗୃହକୁ ଯିବା ଆସିବା କରିବା ସମୟରେ, ଲାଇବ୍ରେରୀରେ, କୋ-ଅପରେଟିଭ୍ ଷ୍ଟୋର୍‌ରୁ ଖାତା-ବହି କିଣିଲାବେଳେ ରେବତୀ ସହିତ ଅନେକ ଥର ଅକସ୍ମାତ ସାମ୍ନାସାମ୍ନି ହୋଇଗଲାପରେ ମୁଁ ସ୍ମିତ ହସ ହସିଦିଏ; କିନ୍ତୁ ତାର ରାଗ ଥମଥମ ମୁହଁ ଯଥା ପୂର୍ବଂ ତଥା ପରଃ ଥାଏ । ମୁଁ ମଧ୍ୟ ପ୍ରତ୍ୟେକ ଥର ସାମ୍ନାସାମ୍ନି ହେଲାମାତ୍ରେ ପ୍ରଥମେ ପ୍ରଥମେ କର୍ଣ୍ଣାର୍ଜୁନ ମଧ୍ୟରେ ଯୁଦ୍ଧ ଚାଲିଥିଲା ବେଳେ ଯେମିତି ଖୁଚୁରା ବାଣ, ଯଥା- ନାଗାସ୍ତ୍ର, ବରୁଣାସ୍ତ୍ର, ବାୟବାସ୍ତ୍ର ଆଦି ପ୍ରୟୋଗ କରୁଥିଲେ, ସେହିଭଳି ଅଳ୍ପ ଶକ୍ତି ସମ୍ପନ୍ନ ବାଣ ପ୍ରୟୋଗ କରି ତାର ମାନଭଞ୍ଜନ ପାଇଁ ଚେଷ୍ଟା କଲି । ଦେଖିଲା ମାତ୍ରେ ଉପରେ ପଡି ହସିଦେବା, ଦରକାର ନଥିଲେ ମଧ୍ୟ ଖାତା ବହି ମାଗିବା, ଯାଚିବା, ଆମ ତଳ କ୍ଲାସରେ ପଢୁଥିବା ତା' ସାନଭଉଣୀକୁ ଚକୋଲେଟ୍, ଆଇସ୍‌କ୍ରିମ୍ ଆଦି ଲାଞ୍ଚ ଦେଇ ମୋ' ସପକ୍ଷରେ ତା' ଦିଦିଙ୍କୁ କୁହାବୋଲା କରି ମୋ' ପ୍ରତି ଥିବା ତା' ମନୋଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବା ଫର୍ମୁଲାମାନ ଆପଣେଇଲି । କିନ୍ତୁ ସେସବୁ ଅପଚେଷ୍ଟା ବୋଲି ପ୍ରମାଣିତ ହେଲା । ଶେଷରେ ପାଶୁପତ, ଅମୋଘ, ଦିବ୍ୟାସ୍ତ୍ର, ବ୍ରହ୍ମାସ୍ତ୍ର ଆଦି ପ୍ରାପ୍ତ ହେବା ନିମନ୍ତେ ହଷ୍ଟେଲ୍ ରୁମ୍‌ରେ ଥାକରେ ସଜେଇ ରଖି ନିଇତି ପୂଜା କରୁଥିବା ଠାକୁରମାନଙ୍କ ପାଖରେ ଶରଣ ପଶିଲି ।

ଠାକୁରେ ପ୍ରକୃତରେ ଏତେ ନିଷ୍ଠୁର ନୁହନ୍ତି, ଯେତିକି ନିଷ୍ଠୁର ବୋଲି ସିନେମାରେ ନାୟକ କିମ୍ବା ନାୟିକା ପ୍ରେମରେ ବିଫଳ ହେଲାପରେ ସିଧାସିଧା ମନ୍ଦିରକୁ ଯାଇ ଘଣ୍ଟି ବାଡ଼େଇ ଚଢ଼ାଗଳାରେ ଦୋଷାରୋପ କରିଥା'ନ୍ତି ।

ଘୋର ଘନ ଅନ୍ଧକାର ମଧ୍ୟରେ ମୋ' ପାଇଁ କ୍ଷୀଣ ଆଲୋକର ଉତ୍ସଟିକକ ଦିଶିଲା । ସେଦିନ ଗାର୍ଲସ୍ କମନ୍‌ରୁମ୍ ପାରି ହୋଇ ଯାଉଯାଉ ନାରୀ କଣ୍ଠରେ ପଛରୁ 'ଦୁଷ୍ମନ୍ତ ଭାଇ', ଦୁଷ୍ମନ୍ତ ଭାଇ' ବୋଲି ଡାକ ଶୁଭିଲା । ପଛକୁ ଚାହିଁ ଦେଖିଲି ମିନତୀ ପଲିଥିନ୍‌ରେ ପ୍ୟାକେଟ୍‌ଟିଏ ଧରି ତା' ପାଖକୁ ଯିବାକୁ ମୁଣ୍ଡ ଟୁଙ୍ଗାରୀ ଇସାରା ଦେଉଛି । ମିନତୀ ପାଖକୁ ଗଲି । ସେ ମୋ' ହାତରେ ପଲିଥିନ୍‌ଟି ଧରେଇ ଦେଇ କହିଲା- "ଆଜି ଜୁଲାଇ ଚାରି ତାରିଖ ବୋଲି ତମର ମନେ ଅଛି କି ନାହିଁ! ଆଜି ବଡ଼ ଦିଦିଙ୍କର ଜନ୍ମ ଦିନ । ସେ ଆଜି କଲେଜ ଆସି ନାହାଁନ୍ତି । ଏଇ ମିଠାତକ ତମକୁ ଦ ବାକୁ କହିଛନ୍ତି । ଆଉ କହିଛନ୍ତି, ହଷ୍ଟେଲ୍‌ରେ ତମ ସାଙ୍ଗମାନଙ୍କ ସହିତ ବାଣ୍ଟିକୁଣ୍ଟି ଖାଇଦବ । ମୋର କ୍ଲାସ୍ ଟାଇମ୍ ହୋଇଗଲାଣି, ମୁଁ ଆସୁଛି" କହି ପୂର୍ବପରି ବାଳସୁଲଭ ଠାଣିରେ ଖଟେଇ ହୋଇ ସେଠାରୁ ତୁରନ୍ତ ରବାନା ହୋଇଗଲା ।

ମିଠା ପ୍ୟାକେଟ୍‌ଟାକୁ ଚାହିଁ ରହି ମୁଁ କିଛି ସମୟ ଭାବପ୍ରବଣ ହୋଇପଡ଼ିଲି । ରେବତୀର ତାହେଲେ ଏଇଟା ସତରେ ରାଗ ନୁହେଁ,ବରଂ ଅଭିମାନ ବୋଲି ଆପାତତଃ ଦୃଢ଼ନିଶ୍ଚିତ ହେଲି । ଲୁଚିଚି ନା ଗୋଡ଼ ଦିଟା ଦିଶୁଚି । ଆଜିଭଳି ଖୁସିର ଦିନରେ, ସେ କଲେଜକୁ ନ ଆସିବାର କାରଣରେ ପରୋକ୍ଷରେ ଏଇଆ କହିବାକୁ ଚାହେଁ ଯେ ମୁଁ ତମ ଉପରେ ପ୍ରବଳ ରାଗିଛି । ଏପରିକି ଆଜିଭଳି ଖୁସିର ଦିନରେ ମଧ୍ୟ ମୁଁ ତମଠାରୁ ବେଷ୍ଟ ୱିସେସ୍ ନେବାକୁ ଚାହେଁ ନାହିଁ । ହୁଁଃ ।

ଏହାଛଡ଼ା ମୁଁ ଆଉ ଗୋଟିଏ ଦ୍ୱନ୍ଦ୍ୱରେ ପଡ଼ିଗଲି । ମିଠା କୋଡ଼ିଏ କି ପଚିଶଟି ସେ ପ୍ୟାକେଟ୍‌ରେ ଥିଲା । ଅ ।ମର ହଷ୍ଟେଲଟି କଲେଜର ସବୁଠୁ ବଡ଼ ଥିଲା ଏବଂ ଏହାର ରୁମ୍ ସଂଖ୍ୟା ଛଅଷଠି । ସେଥିରେ ଛଅଷଠି ଗୁଣନ ତିନି, ସମାନ ଶହେ ଅଠାନବେ ପିଲା ରୁହନ୍ତି । ସମସ୍ତଙ୍କ ସହିତ ମିଠା ବାଣ୍ଟି ଖାଇବ ମାନେ! କ'ଣ ତା'ର ଜନ୍ମଦିନ ହବ, ଆଉ ମୁଁ ପକେଟରୁ ଖର୍ଚ୍ଚକରି କିଣି ସମସ୍ତଙ୍କୁ ମିଠା ବାଣ୍ଟିବି! ଏକଥା ମୋ' ଦେଇ ସମ୍ଭବ ନୁହେଁ । ଥାଉ ହଷ୍ଟେଲକୁ ଗଲାପରେ ଯାଇ ସେକଥା ଭାବିବା ।

କଲେଜ ଏବଂ ଟ୍ୟୁସନ କ୍ଲାସ୍ ଆଦି ସାରି ମୁଁ ସଂଧ୍ୟାବେଳକୁ ହଷ୍ଟେଲକୁ ଫେରିଲି । ଆଗ ମୋର ପ୍ରିୟ ସାଙ୍ଗ କୃପାନିଧି ଓ ମୁଁ ରେବତୀ ଦେଇଥିବା ମିଠାରୁ ପାଞ୍ଚଛଅଟି ଲେଖାଏଁ ଉଦରସ୍ଥ କଲୁ । ତା'ପରେ ରେବତୀର ଆଦେ ଶକୁ ପାଳନ କରିବାକୁ ଚିନ୍ତାକରି କରି ଏକ ବଢ଼ିଆ ଉପାୟ ଆବିଷ୍କାର କଲୁ । ତଦନୁଯାୟୀ ରାତାରାତି  ମଧ୍ୟ ତାହାକୁ କାର୍ଯ୍ୟରେ ପରିଣତ କରିଦେଲୁ ।

ପରଦିନ କଲେଜରେ ରେବତୀକୁ ଦୂରରୁ ଦେଖିଲି- ଜନ୍ମଦିନ ପାଇଁ ଆଣିଥିବା ନୂଆ ଡ୍ରେସ୍‌ଟି ଆଜି ମଧ୍ୟ ପିନ୍ଧି ଆସିଛି । ସାମ୍ନାସାମ୍ନି ହୋଇଯିବାରୁ ସେ ପୂର୍ବଭଳି ଅଭିମାନ ଭରା ମୁହଁଟି ନେଇ (ଆଉ କାହା ମୁହଁ ବିଷୟରେ ଲେଖିଥିଲେ, 'ଭାତହାଣ୍ଡି ଭଳିଆ ମୁହଁଟି ନେଇ' ବୋଲି ଲେଖିଥାନ୍ତି) ବାଟକାଟି ଚାଲିଯାଉଥାଏ । ଏତେଦିନ ପରେ

ଆଜି ମୋ' ଭିତରେ ସାହସ ବସା ବାନ୍ଧିଲା । ମୋର ଧୈର୍ଯ୍ୟ ଭଙ୍ଗ ହେଲା- ନା, ଆଉ ହେବନି । ତାକୁ ଟିକିଏ ଉଚ୍ଚ ସ୍ୱରରେ କେବଳ ଦୁଇ ମିନିଟ୍ ପାଇଁ ଅଟକିବାକୁ କହିଲି । ସେ ଗୋଟିଏ ବି ଶବ୍ଦ ଉଚ୍ଚାରଣ ନ କରି, ମୋ ଆଡ଼କୁ ନ ଚାହିଁ, ସ୍ଥିତପ୍ରଜ୍ଞ ଭଳି ବ୍ୟତିବ୍ୟସ୍ତ ନ ହୋଇ ଅବଶ୍ୟ ଛିଡ଼ା ହୋଇ ରହିଲା ମୋର ପରବର୍ତ୍ତୀ ବାକ୍ୟାଳାପକୁ ଶୁଣିବାପାଇଁ । କାଳ ବିଳମ୍ବ ନ କରି କହିଲି- "ହ୍ୟାପି ବିଲିଟେଡ୍ ବାର୍ଥ ଡେ' ଟୁ ୟୁ ରେବ !" ସେ ନୀରବ ରହିଲା, ଉପରକୁ ଥରେ ତଳକୁ ଥରେ ଚାହିଁଲା । ତା' ବଡ଼ି ଲାଙ୍ଗୁଏଜ୍ ମୋ' ଉଦ୍ଦେଶ୍ୟରେ 'ଥ୍ୟାଙ୍କ ୟୁ' ବୋଲି କହିଲା । ମୁଁ ଟିକିଏ ସହଜ ହୋଇ ଯୋଡ଼ିଲି- ମିନତୀ ହାତରେ ପଠାଇଥିବା ମିଠା ଖାଇ ଖୁସି ହେଲି । ଆଉ ତମେ ଦେଇଥିବା ନିର୍ମମ ଆଦେଶକୁ ମଧ୍ୟ ଅକ୍ଷରେ ଅକ୍ଷରେ ପାଳନ କରିପାରିଛି ।

ଏଥର ମଧ୍ୟ କଥାବାର୍ତ୍ତା ନ କରି ମୋ'ଆଡ଼କୁ ମୁହଁ ବୁଲେଇ ପ୍ରଶ୍ନବାଚୀ ଚାହାଁଣି ନେଇ ଅନେଇଲା; ଯାହାର ଅର୍ଥ ଥିଲା- ମୋର ଆଦେଶ ! କ'ଣ ଥିଲା ମୋର ଆଦେଶ ? ମୁଁ ତା'ର ଚାହାଁଣିର ଅର୍ଥକୁ ବୁଝିନେଇ ତୁରନ୍ତ କହି ପକାଇଲି- ଆରେ ମିନତୀକୁ ତମେ କହି ନଥିଲ କି ଦୁଷ୍ମନ୍ତ ଭାଇଙ୍କୁ ଏ ମିଠା ଦବୁ ଏବଂ କହିବୁ ତାଙ୍କ ହଷ୍ଟେଲର ସବୁ ପିଲାଙ୍କ ସହ ବାଣ୍ଟିକୁଣ୍ଟି ଖାଇବେ ! ସେ ଟିକେ ସହଜ ଅନୁଭବ କରି ବୁଝିପାରିଲା ଭଳି ତଳକୁ ମୁହଁ ପୋତି ମନେ ମନେ ସ୍ୱୀକାର କଲା- ହଁ ହଁ କହିଥିଲି । ପୁଣି ଉପରକୁ ମୁହଁ ଟେକି ମୋ' ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ଏବଂ ସେହି ଚାହାଁଣିରେ ଚାହାଁଣିରେ ପ୍ରଶ୍ନ କଲା- ତେବେ ସାଙ୍ଗଙ୍କ ସହ ବାଣ୍ଟିକି ଖାଇଲ ତ ? ମୁଁ ମଧ୍ୟ ତା' ବିନା ଶବ୍ଦର ପ୍ରଶ୍ନକୁ ବୁଝିପାରିଥିବାର ଫୁଟାଣି ଦେଖାଇ ଉତ୍ତର ଦେଲି- "ହଁ ହଁ ବାଣ୍ଟିକୁଣ୍ଟି ଖାଇଲୁ । ତମେ ତ କୋଡ଼ିଏ କି ପଚିଶଟି ମିଠା ଦେଇଥିଲ । ଆମ ହଷ୍ଟେଲରେ ଅନ୍ତେବାସୀ ସଂଖ୍ୟା ଶହେ ଅଠାନବେ । ତଥାପି ସମସ୍ତଙ୍କୁ କେମିତି ବାଣ୍ଟି ପାରିଥିବି ତମେ ଭାବି ପାରୁଛ ? "କେମିତି" ବୋଲି ଆପେ ଆପେ ରେବତୀ ପାଟିରୁ ପ୍ରଶ୍ନଟିଏ ବାହାରି ଆସିଲା । ତା'ଇଚ୍ଛା ବିରୁଦ୍ଧରେ ଯାଇ କେବଳ କୌତୁହଳ ବଶତଃ ତା'ପାଟିରୁ କଥାପଦେ ବାହାରି ଯାଇଥିବାରୁ ଅବଶ୍ୟ ସେ ଏଡେ ଲମ୍ବା ଜିଭ ବାହାର କରି ଜିଭଟାକୁ ଲାଜରେ କାମୁଡ଼ି ପକେଇଥିଲା ।

ହଠାତ୍ ଆମ ଦୁହିଁଙ୍କ ମୁଣ୍ଡ ଉପର ଦେଇ ପାରା ଯୋଡ଼ିଏ ଡେଣା ଫଡ଼ଫଡ଼ କରି ମୁକ୍ତାକାଶରେ ଉଡ଼ିଗଲେ । ଆକାଶଟା ରଙ୍ଗୀନ୍ ଦିଶିଲା । ପାଖାପାଖି ଥିବା କୋଉ ଏକ ମ୍ୟୁଜିକ୍ ଓ କ୍ୟାସେଟ୍ ଦୋକାନରୁ ସେ ସମୟର 'ହିଟ୍ ହିନ୍ଦି ଚଳଚ୍ଚିତ୍ର "ଫୁଲ ଔର୍ କାଣ୍ଟେ'ର 'ଦିଲ୍ ୟେ କେହେତା ହେ, କାନୋ ମେଁ ତେରୀ..." ଗୀତଟି ଆମ ଦୁହିଁଙ୍କୁ ଖତେଇ ହୋଇ ବାଜିଉଠିଲା । ଆକାଶରେ ଭାସମାନ ମେଘମାଳା ଉପର ଦେଇ ଇନ୍ଦ୍ରଧନୁଟିଏ ସୃଷ୍ଟି ହୋଇଗଲା । ଆମେ ଦୁହେଁ ଦେବାଦେବୀ ହୋଇଥିଲେ ହୁଏତ ଏଭଳି ମହାର୍ଘ ମୁହୂର୍ତ୍ତକୁ ସମ୍ମାନ ଜଣାଇ ଅପ୍‌ସରୀମାନେ ଆମ ଉପରେ ପୁଷ୍ପବୃଷ୍ଟି କରି ପକାଇଥା'ନ୍ତେ ।

କିଛି ସମୟର ଭାବପ୍ରବଣତାରେ ହଠାତ୍ ପୂର୍ଣ୍ଣଚ୍ଛେଦ ଟାଣି ମୁଁ ପୁନଶ୍ଚ ବାସ୍ତବ ରାଜ୍ୟକୁ ଫେରି ମନେ ପକାଇଲି ଯେ ରେବତୀ ପଚାରିଥିବା ପ୍ରଶ୍ନଟିର ଉତ୍ତର ମୁଁ ଏପର୍ଯ୍ୟନ୍ତ ଦେଇନାହିଁ । ଅବିଳମ୍ବେ କହିପକାଇଲି- "ଆରେ ଇଚ୍ଛାଥିଲେ ଉପାୟ ଆପେ ଆପେ ଆସେ ପରା ! ମୁଁ ଓ ମୋର ସାଙ୍ଗ କୃପାନିଧି ତମ ମିଠାରୁ କିଛି ଖାଇଲାପରେ ରାତିବେଳକୁ ହଷ୍ଟେଲ ଛାତ ଉପରକୁ ଗଲୁ । ଛାତ ଉପରେ ଦୁଇଟା ବଡ଼ବଡ଼ ପାଣିଟାଙ୍କି ଅଛି । ଦୁଇଟାଯାକର ଘୋଡଣି ହଟାଇ ପ୍ରତ୍ୟେକଟିରେ ଦୁଇଟି ଲେଖାଏଁ ରସଗୋଲା ଚକଟିଦେଲୁ ଓ ଶିରାରୁ କିଛି ସେ ପାଣିରେ ମିଶେଇ ଦେଲୁ । ବାଶ୍, ସେମାନେ ସବୁ ମିଠାକୁ କଠିନ ଅବସ୍ଥାରେ ନଖାଇ ପାରିଲେ ମଧ୍ୟ ଜଳୀୟ (ତରଳ) ଅବସ୍ଥାରେ ପାଣିଟ୍ୟାପ୍ ମାଧ୍ୟମରେ ତା' ପରଦିନ ପାଣିନେଇ ପିଇଲା ବେଳେ କିଛିମିଠା ଖାଇଲେ କି ନାହିଁ !

ମୋ' କଥାଟା ତା' ମନକୁ ପ୍ରବଳ ମାତ୍ରାରେ ଛୁଇଁଗଲା ଏବଂ ସେ ମୁହଁରେ ହାତ ଦେଇ ହସିହସି ଗାର୍ଲସ୍ କମନରୁମ୍ ଆଡ଼କୁ ଚାଲିଗଲା । ଭଗବାନଙ୍କୁ ଯଦି ଖାଲି ଆଖିରେ ମୁଁ ଦେଖିପାରୁଥାନ୍ତି, ତେବେ ରେବତୀକୁ ଲୁଚେଇ ଲୁଚେଇ ତାଙ୍କ ଉଦ୍ଦେଶ୍ୟରେ ଆଖିମାରି ଗଡ ଜିତିଯାଇଥିବାର ଇସାରା ଦେଇ କୃତଜ୍ଞତା ଜଣାଇଥାନ୍ତି ।

ଯାହାହେଉ, ଏତେ ଦିନପରେ ମୁଁ ଟିକିଏ ଆଶ୍ୱସ୍ତ ହେଲି । ହେ ପ୍ରଭୁ ! ଯାହା ହେଉ ଏତେ ଦିନ ପରେ ମାନିନୀ ରାଧିକାଙ୍କର ମାନଭଞ୍ଜନ ହୋଇପାରିଛି । କିନ୍ତୁ ପ୍ରଭୁ ! ମତେ ବି ସେଥିପାଇଁ ତମଠୁଁ କମ୍ କୃଷ୍ଣକଳା ଉଧାର ନେବାକୁ ପଡ଼ିନାହିଁ ।

ସେଦିନ କଲେଜରୁ ସାଢ଼େ ଚାରିଟା ସମୟରେ ହଷ୍ଟେଲକୁ ଫେରୁଫେରୁ ସାଙ୍ଗେ ସାଙ୍ଗେ ହଷ୍ଟେଲର ସିକ୍ୟୁରିଟି ଗାର୍ଡ ମୋ ହାତରେ ମୋର ଠିକଣା ଥିବା ଏକ ଲଫାପା ବଢ଼େଇଦେଲା । ରେବତୀର ହାତଲେଖା ଦେଖି ଆଶ୍ଚର୍ଯ୍ୟ ହେଲି; ଏବଂ ଏଇଥିପାଇଁ ଯେ ଆମର ତ ନିଇତି କଲେଜରେ ଦେଖାସାକ୍ଷାତ ହେଉଛି ଏବଂ ନିୟମିତ ଭାବରେ ପତ୍ରର ଆଦାନ ପ୍ରଦାନ ମଧ୍ୟ ହାତାହାତି ହେଉଛି । ତେବେ ସେ ହାତାହାତି ଚିଠି ନଦେଇ ପୋଷ୍ଟାଲରେ କାହିଁକି ପଠାଇଛି ? ରୁମ୍‌କୁ ଆସି ବଡ଼ ଉତ୍ସୁକତାର ସହିତ ଚିଠିଟି ଏକୁଟିଆ ଖୋଲି ପଢ଼ିଲି । ରେବତୀ ଲେଖିଥିଲା- ପ୍ରିୟ ଦୁଷ୍ମନ୍ତ,

ଏହାକୁ ଏକ ପ୍ରେମପତ୍ର ପରିବର୍ତ୍ତେ ଅଭିଯୋଗର ଫର୍ଦ୍ଦ ବୋଲି ସ୍ୱୀକାର କରିବାକୁ ତମେ ବାଧ୍ୟ । ପ୍ରେମର ଅର୍ଥ ତମରିଠାରୁ ଶିଖି ତମକୁ ଶେଷରେ ମୁଁ ଭଲ ପାଇବସିଥିଲି । ସେହି ପ୍ରେମ ଟିକକର ଦୁହାଇ ଦେଇ ମୁଁ ଆଜି ଏ ଅଭିଯୋଗ ଫର୍ଦ୍ଦଟିରେ ପ୍ରଥମରୁ କ୍ଷମା ମାଗି ନେଉଛି- ତମକୁ ଦୁଇପଦ ଗାଳି ଦେବାକୁ ଯିବା ପୂର୍ବରୁ । ଗାଳି ଦେବିନି ! ତମେ କହିଲ ଦେଖି, କୋଉ ପ୍ରେମିକା କେବେ ବି ତା' ଆଖି ସାମ୍ନାରେ ତା' ପ୍ରେମିକ ଅନ୍ୟ ଏକ ଝିଅକୁ...

ବାସ୍ ବାସ୍ ହୋଇଗଲା । ରେବତୀ ତା'ପରେ କଣ ସବୁ ଲେଖିଥିବ ଆପଣମାନେ ପ୍ରେମ କେବେ ଜୀବନରେ ନ କରିଥିଲେ ବି ଜଣେ ଉତ୍ୟକ୍ତ ପ୍ରେମିକାର ପରିଭାଷା ବୁଝିପାରୁଥିବେ । ତେଣୁ ଚିଠିଟିର ପରବର୍ତ୍ତୀ ପଂକ୍ତିଗୁଡ଼ିକ ଉପସ୍ଥାପନ କରି ଆପଣମାନଙ୍କ ମନକୁ ଭାରାକ୍ରାନ୍ତ କରିବା ବଦଳରେ ନ ଲେଖିବା ଭଲ ହେବ । ତା'ଛଡ଼ା ଏ କାହାଣୀଟି ଯଦି ରେବତୀ ନଜରରେ କେବେ ପଡ଼େ, ତେବେ ତା'ର ବ୍ୟକ୍ତିଗତ ଭାବପ୍ରବଣତାକୁ ସାର୍ବଜନୀନ କରିଦେଇଥିବାର ଦୋଷ ପାଇଁ ଯୋଉ ଦଣ୍ଡ ମିଳିବ, ତାହା କେବଳ ମତେ ହିଁ ଭୋଗିବାକୁ ପଡ଼ିବ ।

ଏ ଚିଠିଟି କେବେ ଡ୍ରପ୍ କରାଯାଇଛି ଖୋଜିଲି ଓ ତାରିଖଟି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଡ୍ରପିଂ ଡେଟ୍ ଥିଲା- ଜୁନ୍ ମାସ ସତର ତାରିଖ । ବାପ୍‌ରେ ବାପ୍ ! ଏଇ ଗୋଟିଏ ସହରରେ ଚିଠିଟି ପକା ହୋଇଛି । କିନ୍ତୁ ଘୂରି ଫେରି ଚିଠିଟା ଆସି ମୋ' ପାଖରେ ଜୁଲାଇମାସ ପାଞ୍ଚ ତାରିଖରେ ପହଞ୍ଚିଛି ।

ଏଥର ମୁଁ ବୁଝିପାରିଲି । ଏଇଥିପାଇଁ ତେବେ ଝିଅଟା କଲେଜରେ ଦେଖାହେଲା ପରେ ମଧ୍ୟ ମୁହଁ ମୋଡ଼ି ଚାଲିଯାଉଥିଲା । ତାର ଅର୍ଥ ସେ ଭାବିଥିବ ଯେ ଜୁନ୍ ମାସ ସତର ତାରିଖରୁ ଚିଠିଟା ପଢ଼ିଛି ମାନେ ଦୁଷ୍ମନ୍ତ ନିଶ୍ଚୟ କୋଡିଏ ତାରିଖ ସୁଦ୍ଧା ପାଇସାରିଥିବେ । ଚିଠିଟି ପାଇ ପଢ଼ିସାରିଲା ପରେ ମଧ୍ୟ ମୁଁ ତାର ମାନଭଞ୍ଜନ ପାଇଁ ଯଥୋଚିତ, ସମୟୋଚିତ ତଥା ଅଯାଚିତ ପଦକ୍ଷେପ ନ ନେଇ ଆରାମରେ କ୍ଲାସ୍ କରିଚାଲିଥିବାରୁ ତା'ର ଗାତ୍ରଦାହ ହୋଇ ଅଭିମାନର ମାତ୍ରା ଦ୍ୱିଗୁଣିତ ହୋଇଯିବାଟା ସ୍ୱାଭାବିକ । ଡାକ ବିଭାଗକୁ ମୋର ଅନୁରୋଧ, ଏଭଳି ସମ୍ବେଦନଶୀଳ ସନ୍ଦେଶ ବହନ କରି ଯାଉଥିବା ଚିଠିଗୁଡ଼ିକୁ ଟିକିଏ ଠିକ୍ ସମୟରେ ପହଞ୍ଚାଇବାର ବ୍ୟବସ୍ଥା କରନ୍ତୁ ।

ଘର ନଂ-୩ଆର/୨, ମ୍ୟୁଜିୟମ୍ ଅଞ୍ଚଳ,
ବିଜେବି ନଗର, ଭୁବନେଶ୍ୱର
ମୋ: ୬୩୭୨୨୫୮୪୬୩



# ସ୍ୱାଭିମାନ

ପ୍ରଜ୍ଞା ଦର୍ଶୀ ମହାପାତ୍ର



ଆମ ଗାଁ ମୁଣ୍ଡରେ ବିପ୍ଳବ ବୋଲି ଜଣେ ଗ୍ରାମବାସୀ ତା ସ୍ତ୍ରୀ ଓ ପୁଅକୁ ଧରି ଖୁବ୍ ଖୁସିରେ ରହୁଥାଏ। ସେ ଭାରି ସ୍ୱାଭିମାନୀ ଓ କଠୋର ପରିଶ୍ରମୀ । ଯେତେ ବଡ ବିପଦ ଆସୁନା କାହିଁକି ସେ କେବେ ବି କା ଆଗରେ ହାତ ପତେଇନି। ବିପ୍ଳବ ପାଖରେ ନା ଛାତ ଘର , ନା ଗାଡ଼ି, ନା ଟି. ଭି., ସମ୍ପତି କହିବାକୁ ଗଲେ କେବଳ ତା ଆତ୍ମସମ୍ମାନ୍ ତା ପାଇଁ ସବୁକିଛି।

ବିପ୍ଳବ ଖୁବ୍ କଷ୍ଟ କରି ତା ପୁଅକୁ ପାଠ ପଢେଇବା ପାଇଁ ସହରକୁ ପଠାଇଲା। କିଛି ବର୍ଷ ପରେ ଯେତେବେଳେ ତା ପୁଅ ସହରରେ ପାଠ ପଢା ସାରି ଗାଁ କୁ ଫେରିଲା, ବାପା ମା ର ମନ ଭାରି ଖୁସି। ଆମ ପୁଅ ନିଶ୍ଚୟ କିଛି ଭଲ କାମ କରିବ, ମୋ ଆତ୍ମସମ୍ମାନ ଓ ସ୍ୱାଭିମାନ କୁ ଆହୁରି ଗର୍ବିତ କରିବ। କିନ୍ତୁ ପୁଅର ଆଚରଣ ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ଦିନସାରା ଖାଲି ସାଙ୍ଗସାଥୀ ମେଳରେ ବୁଲିବୁଲି ଆସି ଖାଇସାରି ଘରେ ପଡ଼ିଥାଏ। ପୁଅର ଏଭଳି ଆଚରଣ ଦେଖି ଦମ୍ପତିଙ୍କ ମନ ଭାରି କଷ୍ଟ ହେଉଥାଏ। ବିପ୍ଳବ କିନ୍ତୁ ହାର୍ ମାନିବା ଲୋକ ନୁହେଁ। ସେ ତାର ଅନୁଭୂତି ଓ ଅଭିଜ୍ଞତା କୁ ଯୋଡି ତା ପୁଅର ସୁବର୍ଣ୍ଣ ଭବିଷ୍ୟତ ଗଢ଼ିବା ପାଇଁ ଉପାୟ ପାଞ୍ଚିଲା । ତା ପୁଅ ପାଇଁ ତା ବ୍ୟବହାର ଟିକିଏ କଠୋର କଲା।

ବିପ୍ଳବ ତା ପୁଅକୁ ପାଖକୁ ଡାକି କହିଲା,"ପୁଅ ମୋର ବୟସ ଓ ଶକ୍ତି ଧିରେ ଧିରେ ଖସୁଛି । ଆଗକୁ ଘରର ସବୁ ଦାୟିତ୍ୱ ତୋ ମୁଣ୍ଡରେ ରହିବ। ଆଜିଠୁ ପ୍ରତିଦିନ କିଛିଟା ରୋଜଗାର କରି ଘରେ କିଛି ପଇସା ଦେଲେ ତୁ ଘରେ ଖାଇପରିବୁ।" ପୁଅ ମୁଣ୍ଡରେ ବଜ୍ର ପଡ଼ିଲା। ସେ ବି ତା ବାପାଙ୍କୁ ଭଲରେ ଚିହ୍ନିଛି। ଯଦି ସେ କିଛି ନିଷ୍ପତ୍ତି ନେଇଛନ୍ତି ତା ହେଲେ ସେଇଟା ପଥରର ଗାର, ସେ କଥାଟା ଅଟଳ, ସେ କଥାଟା ଆଉ କେହି ବଦଳେଇ ପାରିବେ ନାହିଁ।

ବାପା ଓ ମାଙ୍କଠୁ ଅନୁମତି ନେଇ ପୁଅ ସବୁ ଦିନ ଘରୁ କାମ ପାଇଁ ବାହାରକୁ ଯାଏ। କିନ୍ତୁ ଅଳ୍ପ ସମୟରେ ଘରକୁ ଫେରିଆସେ। ଆଣିଥିବା ଟଙ୍କା ବାପାଙ୍କୁ ବଢ଼ାଇଦିଏ। ବିପ୍ଳବ ସେହି ଟଙ୍କାକୁ ଗଣି ପୁଅ ହାତକୁ ଦେଇ ଦିଏ ଓ କହେ ," ତୁ ଆଣିଥିବା ଟଙ୍କା କୁ ନେଇ ଆମ ବାଡ଼ି କୂଅ ରେ ଫୋପାଡି ଦେଇ ଖାଇସାରି ଶୋଇପଡେ। ବାପା ପୁଅଙ୍କର ଏହି ପ୍ରକ୍ରିୟା ସପ୍ତାହ ଦୁଇ ସପ୍ତାହ ଯାଏଁ ଚାଲିଲା। ପୁଅ ସେମିତି ଆଣୁଥିବା ପଇସା ବାପଙ୍କ ଆଦେଶାନୁସାରେ କୂଅରେ ଫୋପାଡି ଖାଇ ଶୋଇପଡୁଥାଏ।

ଏମିତି ଏକ ମାସ ବିତିଗଲା ପରେ ଗୋଟେ ଦିନ ପୁଅ ସକାଳୁ ଘରୁ ଯାଇଛି ସେ ସଞ୍ଜ ଯାଏଁ ଘରକୁ ଫେରିଲାନି। ମା ବାପା ବ୍ୟାକୁଳ ମନରେ ଘର ପିଣ୍ଡାରେ ପୁଅକୁ ଜଗି ବସିଥାନ୍ତି । ରାତିରେ ପୁଅ ଝାଳନାଳ ହାଲିଆ ହୋଇ ଘରକୁ ଫେରିଲା। ଆସୁଆସୁ ବାପାଙ୍କ ହାତକୁ ପଇସା ତକ ବଢ଼ାଇଦି ପିଣ୍ଡା ରେ ହିଁ ଗଡ଼ି ପଡ଼ିଲା। ସବୁଦିନ ପରି ବାପା ସେ ଦିନ ମଧ୍ୟ ପୁଅକୁ ସେ ପଇସା ତକ କୂଅରେ ପକାଇ ଦେବା ପାଇଁ କହିଲେ। ସୋଇଥିବା ପୁଅ ସାଙ୍ଗେ ସାଙ୍ଗେ ଛିଡା ହୋଇ ବାପାଙ୍କୁ ବଡ ପାଟିରେ କହିଲା," କାହିଁକି ମୁଁ ଏ ପଇସା କୂଅରେ ଫିଙ୍ଗିବି। ସକାଳୁ ରାତି ଯାଏ, ଭୋକ ଉପାସରେ ଏତେ କଷ୍ଟରେ ଏ ପଇସା ଆଣିଛି।

ଆଜ ତମେ କୂଅରେ ଫୋପଡ଼ିବା ପାଇଁ କହୁଥା ବାପା ତମେ ଯେବେ କହିଲେ ବି ଏଇଟା ମୋ ପରିଶ୍ରମର ପଇସା ମୁଁ ଆଦୌ ଫିଙ୍ଗିବିନି ।"

ବିସ୍ମିତ ଗୋଟିଏ ମୁରୁକି ହସଟିଏ ହସି ପୁଅକୁ କୁଣ୍ଢାଇ ପକାଇ କହିଲା,"ବାପ ମୁଁ ଏହି କଥାଟି ତୋ ପାଟିରୁ ଶୁଣିବା ପାଇଁ ମୋ ହୃଦୟରେ ପଥର ଦେଇ ଏତେ କଷ୍ଟ ଦାଉଥିଲି। ମୁଁ ଜାଣିଜାଣି ଏତେ ପଇସା ଏକ କୂଅ ରେ ଫିଙ୍ଗିବା ପାଇଁ କହୁଥିଲି ଓ ତୁ ସାଙ୍ଗେ ସାଙ୍ଗେ ଫିଙ୍ଗିଦେଉଥିଲୁ। କାରଣ ସେ ପଇସାରେ ତୋ କଷ୍ଟ, ତୋ ପରିଶ୍ରମ, ତୋ ଝାଳବୋହା ପଇସା ନ ଥିଲା। ସେ ପଇସାର ମହତ୍ୱ ତୋ ପାଇଁ କିଛି ନ ଥିଲା । ସେ ପଇସା ଏକ ତୋର ରୋଜଗାରର ନୁହଁ । କିନ୍ତୁ ଆଜି ଯେତେବେଳେ ତୋ ପରିଶ୍ରମର ପଇସା କୁ ଫିଙ୍ଗିବା ପାଇଁ ତୋତେ କହିଲି ସେତେବେଳେ  ପଇସା କୁ ଫିଙ୍ଗିବା ପାଇଁ ତୋ ହାତ ଚଲାନି।

ପୁଅ ପରିଶ୍ରମ ଓ ସ୍ୱାଭିମାନ ରେ ଅର୍ଜିବାର ସ୍ୱାଦଠୁ ଆଉ କିଛି ମଧୁର ସ୍ୱାଦ ଜୀବନରେ ନାହିଁ। ଏହି ଗୁଣକୁ ଆପଣାଇଲେ ତୁ ଜୀବନରେ ଜଣେ ଭଲ ମଣିଷଟିଏ ହୋଇପାରିବୁ।"

ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ଼୍, ଟିଟିଲାଡ଼୍,
ମୋ : ୭୯୭୮୭୫୩୪୪୦

## ସୂଚନା

ଇ-ପତ୍ରିକା ରେ
ନିଜର ପ୍ରକାଶିତ ପୁସ୍ତକର
ବିଜ୍ଞାପନ ଦେବାପାଇଁ ଇଚ୍ଛୁକ ଥିବା
ଲେଖକ/ଲେଖିକାମାନେ
୯୯୩୭୯୧୭୮୪୪୭/୯୯୩୮୧୫୯୭୧୦ ରେ
କିମ୍ବା
epatrika.cspursahityasansad@gmail.com
ରେ ଯୋଗାଯୋଗକରନ୍ତୁ ।



# 'ଗାଁ ମାଟି'

**ଅଞ୍ଜଳି ଆଚାର୍ଯ୍ୟ**

ଘୋଡି ଆସୁଥିବା ମେଘ , କଳା କଳା ବାଦଲ ସାଙ୍ଗରେ ସୂର୍ଯ୍ୟଙ୍କ ଲୁଚାଛପା ଖେଳରେ ନଷ୍ଟ ଥାଏ ବେଳ । ପବନ ହାଲକା ହାଲକା ପିଟି ହେଉଥାଏ ଗଛରେ । ପିଜୁଳି ଗଛର ଉପରି ଭାଗ ଖୁବ ଦୋହଲୁ ଥାଏ । ଲାଗୁଥାଏ ଝୁମର ଗୀତ ସାଙ୍ଗରେ ସତେ ଯେମିତି ନାଚ ଦେଉଛି ଡାଳଟି । ଖେପାଳି କୁନି ଝିଅଟି କାର୍ଣ୍ଣିଶ ପତ୍ର ଚକ୍ରି ଗୋଟିଏ ହାତରେ ଧରି ଦଉଡୁ ଥାଏ । ତା ସାନ ଭାଇ ତା ପଛେ ପଛେ । ବଏସ୍କୁ ତା' ଦାଣ୍ଡପିଣ୍ଡାରେ ଢଉଡ଼ି ଖଟ ଟିଏ ପାରି ଶୋଇ ଦେଖୁଥାଏ ଏମାନଙ୍କୁ । ମେଘ ଦେଖି ତାଙ୍କୁ ଟିକେ ଡର ଲାଗେ , ସବୁ ଜିନିଷ ତାଙ୍କ ଓଦା ହୋଇଯିବ । କୁମ୍ଭାର ଘରର ବଏସ୍କୁ , ହାତ ତାର ବାଜୁଥାଏ ଅହରହ ସେଇ ମାଟି ଚକଟା ଉପରେ । । ଗାଁ ପୋଖରୀ ହିଡ଼ର ବୁଢ଼ା ପିଜୁଳି ଗଛ ତଳର ମାଟି ଚକଟା ମାଟି , ବାଲି ନ ଥାଏ କି ପୋଡ଼ି ନ ଥାଏ । କୁମ୍ଭାର କାମ ଘରର ମାଟି ସାମଗ୍ରୀ ଗଢ଼ିବା ପାଇଁ ଏକ ନମ୍ବର ମାଟି ।ସେଇ ମାଟିରେ ତେଣୁ ଗଢ଼ିଛି ଆଜି ସୁନ୍ଦର ସୁନ୍ଦର ଦୀପାଳି । ସେଇ ଦୀପାଳୀରେ ଜଳି ଜଳାଏ ତା ସ୍ତ୍ରୀ । ତା ଦୀପ ହିଁ ଜଳିବ ପୂଜା ମଣ୍ଡପରେ । ସେ ଏଥର ଧୂପ ଦେବା ପାଇଁ ଧୁଆଁ ଗୋଟିଏ ବି ତିଆରିଛି । ଲୋକ ଖାଲି ଦେଖିବେ କ'ଣ ସେ ନ କରିଛି !

ମାଳି ଘରର ଝିଅ ରୂପା ଏଇ ସବୁ ବର୍ଷ ତାର ବାହାଘର ହୋଇଛି ସହରରେ । ବରାବ ତାର ଛୋଟ ହାଣ୍ଡି ଟିଏ ।ହାଣ୍ଡିର ମୁହଁ ଟିକେ କୁଣ୍ଡୁ କୁଣ୍ଡୁ ହୋଇଥିବ । ସେଥିରେ ସେ ଦହି ଜମେଇବ ।ସହରରେ ତା ବଏସ୍କୁ ଦାଦା ଗଢ଼ି ଥିବା ହାଣ୍ଡି ଭଳି ହାଣ୍ଡି କ'ଣ ମିଳେ ?

ବଏସ୍କୁ ଦାଦା ମାଟିକୁ ଗଢ଼ିବ ଯେମିତି ପୋଡିବ ସେମିତି । ମା ପରଶରେ ଛୋଟ ପିଲାଟି ଯେମିତି ବଢ଼େ । ଏଇସବୁ ବର୍ଷଦିନ ହେବ ଗାମ ବିଲାସ ଘରର ବଳକ ଯାଚ ଛେଳି ଗୁଡ଼ୁ ବାହାରି ତା ବଏସ୍କୁ ଦାଦା ବାହାର ଅଗଣାରେ ଖରାରେ ଶୁଖାଇ ଥିବା ନରମ ମାଟିର ଜିନିଷ ଚକ ଗୋଡ଼ରେ ଦଳି ଦେଇ ଥିଲେ । ଏମିତି ଅନେକ ଦିନ ହୁଏ । ଛେଳିକୁ ଘଉଡେଇବା ଲାଗି ବଏସ୍କୁ ର ଦଣ୍ଡବର୍ଷ ର ପୁଅ ବାଡ଼ି ଧରି ଜଗିଥାଏ । ହେଲେ ତାକୁ ନ ମାନି ଛେଳି ମାଡ଼ିପଲେ ,ତେଣୁ ମନ ଦୁଃଖ କଲା । ପୁଅର ଆଖିରେ ବି ଆଖିଏ ଲୁହ । ହେଲେ ସେ ପୁଣି ମନକୁ ମନେଇ ସେହିଦିନ ଯାଇ ପିଜୁଳି ଗଛ ତଳୁ ମାଟି ଆଣିଲା । ଧରି ଯାଇ ବସି ଯିବା ସତେ ଯେମିତି ତା ଜୀବନରେ ନାହିଁ । ଗାଁ ର ସେ ଚିକିଟା ମାଟି ବି କେବେ ସରେନା । ଟିକା ଅହାର ବୟସ ନବେ ଉପରକୁ । ପ୍ରବଳ କାଶରେ କୟାନ୍ତ । ଅଳା ବଏସ୍କୁ ଠାରୁ ହାଣ୍ଡି ଟିଏ ନେବ । ବାଉମ୍ବାର ଖଟରୁ ନ ଉଠି ହାଣ୍ଡିରେ ପାଣିସ ରଖି ସେ ଛେପ ପକେଇବ । ସକାଳେ ସେ ଫୋପାଡ଼ିବା ହେବ ।

ଆଜିକାଲି ଗାଁ ରେ ବି ଆଉକଣି ମାଟି ଜିନିଷ ର ଆଉ ବିକ୍ରି ହେଉ ନାହିଁ । କାହା ପାଖରେ ହାତ ନ ପାତି ବଏସ୍କୁ ଚଳୁଛି ବୋଲି ଚଳୁଛି । ଅଥଚ ହେବା ଭଳି ହାତ ନ ପାତିବା ସେ ଶିଖିଛି । ଯେବେ ଅଭାବର ବାଦବକ୍ସ ତା ପାଖିଆଡେ ବୁଲେ , ମନ ମାରି ବସିଥାଏ ଘରର ଗୋଟିଏ କୋଣରେ । ବୁଢ଼ ହାତିଆ ଗାମୁଛା ପିନ୍ଧିଥିବ , ବୁଢ ଗୋଡ଼ ଉପରେ ଦେହ ଆଉ ତା ଉପରେ ମୁଣ୍ଡ ଯେମିତି ଲଦା ହୋଇଛି । ଚମ୍ପା ଡାକେ , "ହଇହୋ ଭାତ ବଢ଼ା ହେଲା ଆସ । " ପ୍ରଫୁଲ୍ଲିତ ହୋଇ ଚମ୍ପା କୁ ଦେଖେ । ତା ପାଟିରୁ ବାହାରି ପଡେ "ସରକାରୀ ଚାଉଳ ତ !"

ସତେ ଯେମିତି ତଏବୁ ର ଦାରିଦ୍ର ଉପରେ ଦୟାର ଆବୁଲାର ଦିଏ । ଝଣା ଭାଇ ଘର ଘର ହୁଏ । " ସବୁବେଳେ ଏମିତି ଜଥା " ଭଳରେ ଖାଅ ଦେଖକୁ ଜଗ ।" କ'ଣ ଆମର ଅଭାବ ଅଛି ଯେ ? ଚାଉଳ ତ ହେଲା , ଗାଁ ଭୂଇଁ ରେ ଶାଗପତ୍ରର ଅଭାବ ନାହିଁ । ପୋଖରୀରେ ମାଛ ଅଛି , ସଜନା ଛୁଇଁ , କଖାରୁ ଲଙ୍କ ବେଳେ କ'ଣ । ଗାଁ ଅଛି ତ ଆମେ ଅଛେ ।ହାତ ଗୋଡ଼ ଥିବା ଯାଏ ଅଭାବ କ'ଣ ବନେଇ ପାରିବ ।

ଝଣା ପୁଣି ଆରମ୍ଭ କରେ ... ରମେଶ ବାବୁଙ୍କ ଘରକଥା ଦେଖନ୍ତ , ବେଳେ ବେଳେ ଖାଇବ ସମୟ ନାହିଁ ଏକାଠି ବସି ଖାଇବା ପାଇଁ । ପୁଅ ବୋହୁ ଙ୍କ ଯେଉଁ କଥା ବୁଢ଼ୀ ନିତି କାନ୍ଦେ ପରା । ଉହେ ଘରେ ସବୁ ଅଛି କେବଳ ଦିଡାଉର ଖୁବ ଅଭାବ । ଇହା ବି ହୁଏନା ବେଳେ ବେଳେ । ଏଇଟା ଆମର ସୁଖ ଗୋ । ତଏବୁ ଯେମିତି ସବୁ ବୁଝି ଯାଉଛି । ମୁଣ୍ଡ ହୁଙ୍କାଇ ହଁ ବେ ମାଛି ଭାତ ଖାଏ ।

ସକାଳର କିରଣ ନ ପଡୁଣୁ କୁକୁଡ଼ାଙ୍କ ଡାକ ରେ ଗାଁ ଜାଗି ଉଠେ । ଝଣା ଝାଟେଇ ଦିଏ ବାଡ଼ ଦୁଆର ବାଡ଼ି ଘର । ପାଣି ଆଣେ ଚୁଲି ଜାଳେ । ତଏବୁ କାମରେ ହାତ ବଢ଼ାଏ । ତା' ଗାଁ... ତା' ମା । ଜଣ୍ଟା ସଡ଼କ ବେଳେ ତାକୁ ବଢ଼ାଏ ନା । ଛୋଟିଆ ସ୍କୁଲର ସେଇ ଛୋଟ ଛୋଟ ପିଲାମାନେ ସ୍କୁଲ ଯାଆନ୍ତି , ବଡ଼ ବଡ଼ ହୋଇ ରାମ ଦିଗ୍ଧାଉର ଛେନି ଭଳି । ଖୁସିଥିବା କଣ୍ଟାମାଟିର ଚୁଖା ଦୀପାଳି ଆଉମାଟି ହାଣ୍ଡି ଭଳି । ସ୍କୁଲରୁ ଫେରିଲା ବେଳେ ବେଳେ ବେଳେ କୁମ୍ଭାର ଚକ ଚାରିଆଡ଼େ ଭିଡ଼ କରନ୍ତି । ସାନ ଦୀପରୁ ବଡ଼ ମାଟି ହାଣ୍ଡି ଗଢ଼ିଥିବା ଚକର କମାଲ ଦେଖନ୍ତି । ତାହାପରେ ପରେ ଦଶହରାରେ ଗାଁ, ମା ମାଟିକୁ ଆସିଥିବା ଦୁପା କୁହେ "ହଁ ଯେ ବାବା ତୋ ହାତ ବିନା କୁମ୍ଭାର ଚକ ନାଁ ସାନଦୀପ ଗଢ଼ିପାରିବ ନା ମାଟି ହାଣ୍ଡି ଗଢ଼ି ପାରିବ ।

ପୂଜା ସମୟରେ ଗାଁ ହସେ, କେତେ ଲୋକ ଆସନ୍ତି । କିଛିଦିନ ଗାଁ ମଜା ନିଆରା ଲାଗେ , ହସ ଖେଳ ହୁଏ । ଶ୍ରାବଣରେ ପୁରିଲା ପୋଖରୀ ପରି । ଗାଁ ଅଛି ତ ଜୀବିକା ଅଛି । ଦେଇ ଦେଖ ତଏବୁ ବଢ଼ି ସକାଳୁ ସଜ ହେଲାଣି ; ସେ ମାଟି ଆଣିବ । ସେ ମାଟିରେ ହାଣ୍ଡି ହେବ, ମାଟି ଚୁଖା ହେବ , ଦୀପ ହେବ । ଦଶହରାରେ ଦେବୀ ମୂର୍ତ୍ତି ବି ହେବ । କ'ଣ ନ ହେବ ପିସନ ଗନ୍ଧ ଚକର ଚିକିତା ମାଟିରେ ଯେ !!



ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,
ଭୁବନେଶ୍ୱର୍
ମୋ : ୭୮୯୪୨ ୩୫୪୦୦



# ବାଡ଼ି

**ପ୍ରଜ୍ଞା ମହାନ୍ତି**

କଇଁ କଇଁ ହୋଇ ଓଳିଏ ହେଲାଣି କାନ୍ଦୁଛି ମୁନା । ବେତ ଖଣ୍ଡେ ଚାଞ୍ଛି ଜେଜେ ତିଆରି ଥିବା ବାଡି ଖଣ୍ଡକ ମିଳୁନି । ଆଠଦିନ ହେଲାଣି ତାହା ଥିଲା ତାର ଖେଳସାଥୀ । ସେଥିରେ ସେ ଯୁଦ୍ଧ କରୁଥିଲା, ଗାଈ କୁକୁର ଙ୍କୁ ଗୋଡ଼ାଇବା ସହ ଅପାକୁ ପିଟି ବାରେ ମଧ ବେତ ଖଣ୍ଡକ ତାକୁ ସାହାଯ୍ୟ କରୁଥିଲା । ବେତଟି କୋଉଠି ହଜି ଯାଇଛି ଯେ ଲୁହ ଲାଳ ସିଂଗାଣୀ ଏକାଠି କରି କଚି ହୋଇ କାନ୍ଦୁଥିଲା ମୁନା । କେତେ ବେଳୁ ବୋଉ କୋଳକୁ ନେଇ 'ଏଇ ବେତ ଖଣ୍ଡେ ପାଇଁ ମୋ ଧନ ର ଏତେ କାନ୍ଦ' କହି ବାଉଁଶ କଣୀ ଫୁଲତୋଳା ନଗିକୁ ତା ହାତକୁ ବଢ଼ାଇ ଦେଲେ ହେଲେ ତା ଅଗ ଭାଙ୍ଗି ଫୋଫାଡ଼ି ଦେଲା ସେ । ତାଠୁ ତିନି ବର୍ଷ ବଡ଼ ମିନୁ ଦୌଡ଼ିଆସି ଛୋଟିପାରା ଖେଳ ପାଇଁ ଗାର ଟାଣିବାକୁ ଯେଉଁ ନାଗୁଆରୀ ଡ଼ାଙ୍ଗ ଖଣ୍ଡେ ସାଇତିଥିଲା ତାକୁ ଧରାଇ ଦେଲା, ହେଲେ ମୁନା କାନ୍ଦରେ ବିରାମ ନ ଦେଇ ବରଂ ବାଡ଼ିକୁ ଲହରାଇ ଅପାକୁ ସେଥିରେ ଛାଟେ ଦେଲା ଯେ ଦୁଇଜଣଙ୍କର ମିଳିତ ବିଳାପରେ ସାଇ ପଡ଼ିଶା ଏକାଠି ହୋଇଗଲେ ।

ଚଉରା ସେବା କରୁଥିଲେ ଜେଜେମା । ମାଟି ରେ ଭରାଦେଇ ଆକାଶକୁ ଛୁଇଁଲା ଭଳି ବାଉଁଶ ଖଣ୍ଡେରେ ବନ୍ଧା ଆକାଶଦୀପ ଟି ତାଙ୍କ ଆସ୍ଥାକୁ ବହନ କରି ଉଠି ଯାଉଛି ଶୂନ୍ୟରେ ମହାଶୂନ୍ୟ କୁ । କାନ୍ଦ ଶୁଣି ଜେଜିମାଙ୍କ ମନ ଚହଲି ଗଲା । ଆଶା ବାଡ଼ିଟିକୁ ଧରି ବାରଣ୍ଡାକୁ ଉଠି ଆସିଲେ ସେ । ଭୋଗ ପଥୁରୀ ମୁନା ଆଗରେ ଥୋଇ ହାତ ଭରା ଦେଇ ବସୁ ବସୁ ଦେହଛଡ଼ା କରୁନଥିବା ସାହାରା ଖଣ୍ଡକ ବଢ଼ାଇ ଦେଲେ ତା ହାତକୁ । ଯେଉଁ ବଙ୍କୁଲୀ ବାଡ଼ି ଧରି ଜେଜେମା ପରି ଚାଲିବାକୁ ମୁନା ପାଗଳ ହୁଏ, ଅଝଟିଆ ତାକୁ ବି ଗଡେଇ ଦେଇ ପଟାପଟା ହୋଇ ନିଜେ ତଳେ ଗଡ଼ିଗଲା ।

ତାକୁ କେବଳ ଜେଜେ ଦେଇଥିବା ବେତ ହିଁ ଦରକାର । ସେତିକି ବେଳୁ ସବୁ ଶୁଣୁଥିବା ମୁନାବାପା ଗୁହାଳ କାମ ସାରି ରାଗରେ ପାଞ୍ଚଣ ଖଣ୍ଡେ ଧରି ବାହାରି ଆସିଲେ । ହଇରେ ଓଳିଏ ହେଲା ଲୀଳା ଲଗାଇଛୁ, ଦେବି ଦି ଚାରି ପା*ଣ ଯେ ସବୁ ଯିଦି ଛାଡ଼ିଯିବ । କିନ୍ତୁ ନଛୋଡ ବନ୍ଧା ମୁନା ତୁନି ପଡ଼ିବ କଣ ଓଲଟା ପ*ମ ତାନରେ ଆଳାପ ଆରମ୍ଭ କଲା । ତାର ଶାସ୍ତ୍ର ବହିର୍ଭୂତ ସଙ୍ଗୀତରେ ସାରା ପରିବାର ଛାତିରେ ରକା ପଶିଗଲାଣି । ସେତିକି ବେଳେ ବଡିଭୋରୁ ପୁରୀ ଯାଇଥିବା ଜେଜେ ଗାଁ ଦାଣ୍ଡରୁ ମୁନାର କାନ୍ଦ ଶୁଣି ନସରପସର ହୋଇ ଘର ଭିତରକୁ ପଶି ଆସିଲେ । ବୋହୁ ପାଣି ଢାଳଟା ବଢ଼ାଇ ଦେଲା ହାତକୁ । ତାପରେ ସମସ୍ୱରରେ ସଭିଏଁ ମିଶି ଯାହା ବଖାଣିଲେ ଜେଜେ ବୁଝିଗଲେ ଯେ ବେତ ଖଣ୍ଡକ କାନ୍ଦ ର ମୂଳକାରଣ । ଏଥର ଜେଜେ ବୋହୁ ହାତକୁ ମହାପ୍ରସାଦ କୁଡୁଆ ବଢ଼ାଇ ଦେଇ ବ୍ୟାଗ ଭିତର ଦରାଣ୍ଡି ପକାଇଲେ ।ତା ଭିତରୁ ଦେଢ଼ ହାତର ନାଲିକଳା ପଟାପଟା ପୁରୀ ବାଡ଼ି ଖଣ୍ଡେ ବାହାରକଲେ । ଅବିରାମ କାନ୍ଦି ହାଲିଆ ହୋଇପଡ଼ିଥିବା ମୁନା ଏଥର ବେଜାଏ ଫୁ ରେ ଝାଂପି ପଡ଼ିଲା ବାଡ଼ି ଉପରକୁ । ତା ଦେହରେ ସ୍ୱର୍ଶ ଦେଇ ଜେଜେ ଟେକି ଧରିଲେ ବାଡ଼ିଟିକୁ । ମୁନାର ଅଝଟ ଏବେ ଅଳିରେ ପରିଣତ ହେଲା । ମୁଚୁକୁନ୍ଦିଆ ହସଟେ ହସି ଜେଜେ କହିଲେ ଦେବି ଯେ ଗୋଟାଏ ସ ରେ, "ମୋ ଦରକାର ବେଳେ ଛଅ ଖଣ୍ଡ ବାଡ଼ି ଦେଇ ଏ ଋଣ ସୁଝିବୁତ" ? 'ହଁ ହଁ ସୁଝିବି' କହି ବାଡ଼ି ଖଣ୍ଡକ ଝାମ୍ପି ନେଲା ମୁନା । ଜେଜେମାଙ୍କ ଆଖିରେ ଲୁହ ଜକେଇ ଆସିଲା ।ଗରଗର ହୋଇ କହିଲେ, ମୁହଁସଂଜ୍ଞ ଟାରେ ଅଲକ୍ଷଣା କଥାଗୁଡା କାହିଁକି କହୁଛ ମ !!!

ସମ୍ବଲପୁର
ମୋ : ୯୪୩୭୩ ୭୨୪୭୩



# ଦୁଇଟି ମିନି ଗଳ୍ପ

ମନୋରମା ମିଶ୍ର



## ୧. ଫଳ

ଈଶ୍ୱର ଚାହୁଁଥିଲା କେମିତି ଟିକେ ଗାଁକୁ ଯାଇ ବାପା, ବୋଉ ଓ ପୋଲିଓରେ ଆକ୍ରାନ୍ତ ଭାଇଟିକୁ ଦେଖି ଆସନ୍ତା । ପ୍ରାୟ ଛଅମାସ ତଳେ ଯାଇଥିଲା । ଏଇ କେତେଦିନ ହେଲାଣି କ'ଣ ସବୁ କାମରେ ଏଠି ଅଟକିଯାଇଛି ଯେ ବାହାରି ଯାଇ ପାରୁନାହିଁ । ଗୋଟେ ଦିନ ଛୁଟି ନେଇ ଏଇ ରବିବାର ଦିନ ଯିବ ବୋଲି ଭାବି ତା' ସ୍ତ୍ରୀ ମୀରାକୁ ଜଣାଇଲା ।



ମୀରା ପ୍ରଥମେ ଟିକେ ଚୁପ୍ ରହି ତା'ପରେ କହିଲା, "ଗାଁ କୁ ଏବେ ଯିବା କ'ଣ ନିହାତି ଦରକାର ?" ଈଶ୍ୱର ଦୁଃଖୀ ସ୍ୱରରେ କହିଲା, "ବାପା, ବୋଉ ଚାହିଁ ବସିଥିବେ । ବିଶୁଟା ବି ଦିନ ଗଣୁଥିବ ।"

ମୀରା ଅସନ୍ତୁଷ୍ଟ ସ୍ୱରରେ କହିଲା - ହଁ....ଅ...ଅ । ଏଠି ସିନା ରହିଛ, ହେଲେ ମନଟା ତୁମର ଯାଇ ଗାଁରେ । ଯେତେହେଲେ ତୁମର ମୂଳ ଯାଗା ସିଏ । ଆମେ ବା ତୁମର କିଏ ?

ଈଶ୍ୱର ବିଷର୍ଣ୍ଣ ହସି କହିଲା "ମୂଳ ସିନା ସେଠି, କିନ୍ତୁ ଡାଳ ଯେ ତମ ପଟେ । ସେମାନେ ବଡ କରି ପାଠ ପଢ଼େଇ, ଚାକିରୀ କରେଇ ମୂଳ ଟାଣ କରିଦେଲେ ବୋଲି ଆଜି ଡାଳରେ ଯେଉଁ ଫଳ ଫଳୁଛି ତାହା ଯେ ତୁମମାନଙ୍କର ।" ମୀରା ଗମ୍ଭୀର ହୋଇଗଲା ଝଡ ପୂର୍ବର ଆକାଶ ଭଳି ।

## ୨. ଘର



ବେଣୁ ସହରରେ ରହି ପାଠ ପଢୁଥାଏ । ବାପା ଅନେକ କଷ୍ଟ କରି ଟଙ୍କା ପଇସା ଯୋଗାଡ କରି ତା'ପାଖକୁ ପଠାଉ ଥାଆନ୍ତି । ସେ କିନ୍ତୁ ସବୁ ଛୁଟିରେ ଘରକୁ ଚାଲିଆସେ । ମା' ଯଦି କୁହେ - ସବୁ ଛୁଟିରେ ଆସୁଛୁ ଯେ ବାଟ ଖର୍ଚ୍ଚରେ କେତେ ପଇସା ନଷ୍ଟ କରୁଛୁ ? ବେଣୁ ଉତ୍ତର ଦିଏ "ଘରକୁ ମଝିରେ ମଝିରେ ନ ଆସିଲେ ଭଲ ଲାଗୁନି ବୋଉ ।"

କିଛି ବର୍ଷ ପରେ ବେଣୁ ପାଠ ପଢ଼ିସାରି ଚାକିରୀ ପାଇଲା । ଘର ଛାଡି ରହି ନପାରି ଆଗଭଳି ଆସିଲା ଏବଂ କହୁଥିଲା ଘରକୁ ନ ଆସିଲେ ଭାରି କଷ୍ଟ ଲାଗୁଛି ।

ଏବେ କିନ୍ତୁ ବର୍ଷେ ହେଲା ବେଣୁ ବିବାହ କରି ସ୍ତ୍ରୀ ସହିତ ଚାକିରୀ ଯାଗାରେ ରହିଲାଣି । ଘରକୁ ଆସିବା ତା'ର କମି କମି ପ୍ରାୟ ବନ୍ଦ ହୋଇଗଲାଣି । ମଝିରେ କେଉଁଠି ଥରେ ମା' ତାକୁ ଦେଖି ପଚାରିଲେ ଆଉ କାହିଁକି ଆଗଭଳି ଆସୁନାହୁଁ କିରେ ?


ବେଣୁ ବିନା ଦ୍ୱିଧାରେ ଉତ୍ତର ଦେଲା "ଘରୁ ବାହାରି ଜମା ଆସି ହେଉନି ମା ! ତା ଛଡା ବାଟ ଖର୍ଚ୍ଚରେ କାହିଁକି ଗୁଡାଏ ପଇସା ନଷ୍ଟ କରିବି ?"


ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# ପଦ୍ୟ ବିଭାଗ



# ରେଖା ଓ ଲେଖା


ତାକୁ ଦେଖିଛ କି ?
ଦେଖିଛ କି
ସେଇ ପଗଳୀ ଆଲୁର ଝାଲୁର ଝୁଣ୍ଟି
ଝିଅ ଟିକୁ ?
ଯିଏ ପିନ୍ଧିଛି ବାଇଗଣି ରଙ୍ଗର ଫୁଲପକା ଫ୍ରକ୍ ଟିଏ
ଏଭଳି ବୁଲୁଥାଏ ନିତି ସଞ୍ଜବେଳେ
ଏକା ଏକା ସମୁଦ୍ର କୂଳରେ
ସାଉଁଟି ରଖୁଥାଏ ଜାତି ଜାତି ଶାମୁକା ସବୁ
ମୁଣି କରି ଫ୍ରକ୍‌ର ଭିତରେ
ଶେଷଥର ପାଇଁ
ଦେଖିଥିଲି ମୁଁ ତାକୁ
ବସିଥିଲା ଟିକିଏ ଦୂରରେ
ଯେଉଁଠି ଆକାଶ ଓଇଳି ପଡ଼ିଛି
ମୋ ବୋଉର ଶାଢ଼ୀ କାନି ପରି
ନିର୍ଲିପ୍ତ, ନିସ୍ତେଜ ଶୋଇଥିବା ବେଳାଭୂମି ପରି
ମୋ ଦିଇ ଝୁଣ୍ଟି ଯୋଡ଼ିଦେବ ସରାଗରେ


କିଏଟି ବସିଥିଲା
ଟାଣୁଥିଲା ଅନାବନା ଗାର
ବେଳାଭୂମି ଚଉଡ଼ା ଛାତିରେ
ଏଠା ଆଙ୍କୁଥିଲା କିଛି ବସି
କୁନି କୁନି ଆଙ୍ଗୁଳି ତୁଳୀରେ
କି ଏକଲା ବାନ୍ଧିପାରୁଥିବା ଯା'କୁ ଉଣାରି
ଖୋଜୁଥିଲା...
ସ୍ମୃତିର ଶାମୁକା ସବୁ ପୋତିହୋଇ ପଡ଼ିଥିଲେ
ପରସ୍ତ ପରସ୍ତ ଯନ୍ତ୍ରଣାର ବାଲିଗୋଡ଼ ତଳେ ,
କିଏଟିରେ ସୁଦୂରକୁ ମୁଁ ଦେଖିପାରୁନଥିଲି
ଝାପ୍‌ସା ଝାପ୍‌ସା ଯାଉ ଦିଶୁଥିଲା
ଟିକେ ଟିକେ
ମାଡ଼ି ଅନ୍ଧାରରେ ॥
ରଘୁନାଥପୁର, ଭୁବନେଶ୍ୱର

# ପୂଣ୍ୟ ଭୂମି ମୋ ଭାରତ

କମଳିନୀ ଦେବୀ



ଅଟେ ପୂଣ୍ୟ ଭୂମି ଅଟେ ଧର୍ମ ଭୂମି
କୀର୍ତ୍ତିଭୂମି ମୋ ଭାରତ
ଦେବଭୂମି ପରା ତପୋଭୂମି ସିଏ
ସ୍ନେହମୟୀ ମୋ ଭାରତ ।

ପୂଣ୍ୟ ରତ୍ନଗର୍ଭା ସ୍ଵର୍ଣ୍ଣ ପ୍ରସୂଧାରା
ମମତାମୟୀ ମୋ ଭାରତ
କୋଳରେ ତାହାର ଜନ୍ମ ଲଭିଛି
ମୁଁ ହିଁ ଭାଗ୍ୟବାନ ସୁତ ।

ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ବକ୍ଷେ ଶୋଭେ ବନଗିରି
କେତେ ନଦୀ ଝର ହୃଦୟର ହାର
ମନକୁ ନିଅନ୍ତି ହରି ।

ମଥାରେ ମୁକୁଟ ହିମାଳୟ ତାର
ଗଙ୍ଗା କରେ ପଦଧୌତ
ତ୍ୟାଗ ବଳିଦାନ ଶିଖାଇଛି ପରା
ଏ ମାଟିର ବୀର ସୁତ ।

ଏଇ ମାଟିବଳେ ମନ ଜିଣିଥିଲେ
ବ୍ୟାସଦେବ ବାଲମିକ
ରଚିଗଲେ ଗାଥା ଯୁଗ ଯୁଗ ପାଇଁ
କାଳଜୟୀ ଗ୍ରନ୍ଥଯାକ ।

ରାମ, ବୁଦ୍ଧ, କୃଷ୍ଣ ତ୍ୟାଗ ଆଦର୍ଶରେ
ରହିଛି ଭାରତ ଟେକ
ସୀତା, ଦ୍ରୌପଦୀ, ସାବିତ୍ରୀ କୋଳେଇ
ଧରିତ୍ରୀ ପାଇଛି ସୁଖ ।

ଗାନ୍ଧୀ, ଜବାହାର ସଂଗ୍ରାମୀ ବୀର
ସୁବାଷ ଓ ଖୁଦିରାମ
କରିଲେ ସଂଗ୍ରାମ କେତେ ଦେଶଭକ୍ତ
ଲହୁ ଦେଇ ବଳିଦାନ ।

ଅନେକରେ ଏକ ସର୍ବେ ଭାରତୀୟ
କେତେ ଭାଷା କେତେ ଜାତି
ସନାତନ ଧର୍ମ ବିଶ୍ୱେ ପ୍ରଚଳନ
ଅହିଂସା ଯାହାର ନୀତି ।

ବିଶ୍ୱ ଗୁରୁ ସେତ ଆଜି ବିଶ୍ୱର
ଦେଖାଏ ସଭିଙ୍କୁ ପଥ
ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ ଭାରତ
ରହିଛି ଭାରତ ଟେକ ।


କ୍ୱାଟର ନଂ -୪୦୭,ବ୍ଲକ୍ - ବି,
ବଦ୍ରୀପସାଦ ଆପାର୍ଟମେଣ୍ଟ୍, ବରଗଡ଼

# ଜାତୀୟ ଧ୍ୱଜା

**ସିଦ୍ଧାର୍ଥ କୁମାର ମହାପାତ୍ର**



ଫରଫର ଉଡ଼େ ଜାତୀୟ ପତାକା
ନଭ ମଣ୍ଡଳରେ ପବନ ସୁଏ
ଜାତିର ଗରବ ଜାତିର ବିଭବ
ଦେଶର ପ୍ରଗତି ସଭିଙ୍କୁ କହେ ।



କେଶର ଧବଳ ସବୁଜ ରଙ୍ଗରେ
ନୀଳ ଗଗନରେ ସୁରମ୍ୟ ଦିଶେ
ରଙ୍ଗ ବେରଙ୍ଗର ବିହଙ୍ଗ ପରାଏ
ଉଚ୍ଚ ଆକାଶରୁ ମୁରୁକି ହସେ ।

କେଶର ର ରଙ୍ଗ ବୀରତ୍ୱର ଢ଼ଙ୍ଗ
ଜନମାଏ ହୃଦେ ବଡ଼ ସାହାସ
ଜାତୀୟ ଧ୍ୱଜାର ପ୍ରାରମ୍ଭ ପ୍ରଦେଶେ
ଥାଇ କରେ ଦୂର ମନରୁ କ୍ଲେଶ ।

ଧବଳ ରଙ୍ଗଟି ଶାନ୍ତିର ପ୍ରତୀକ
ସତ୍ୟ ମୈତ୍ରୀ ପ୍ରୀତି ବାରତା ଦିଏ
ତନ୍ମଧେ ବିରାଜେ ଅଶୋକଙ୍କ ଚକ୍ର
ଅହିଂସା ଆଲୋକ ପରାଣ ଛୁଏଁ ।

ସବୁଜିମା ବର୍ଣ୍ଣ ବିକାଶର ଚିହ୍ନ
ଆମର ଧ୍ୱଜାର ତୃତୀୟ ରଙ୍ଗ
ପ୍ରଗତିର ରଥେ ମିଳିକରି ସାଥେ
ଆଣିଦିଏ ମନେ ସାହାସ ଦମ୍ଭ ।

ଜାତୀୟ ପତାକା ଜତିର ପ୍ରତୀକ
ଆଣେ ସଂହତି ର ନୂଆ ସନ୍ଦେଶ
ଉଡ଼େ ଯେବେ ନଭେ ଖୁସିଜାତ ହୃଦେ
ଭରିଦିଏ ମନେ ଶତ ଉଲ୍ଲାସ ।

ଏହି ଧ୍ୱଜାତଳେ ଜାତି ଧର୍ମ ଭୁଲି
ହୁଅ ଏକତ୍ରିତ ଭାରତବାସୀ
ଏକ ମନ ଏକ ପ୍ରାଣ ହୋଇ ଆମେ
ବିକାଶର ମନ୍ତ୍ର ଗାଇବା ଏଠି ।

**ଶିକ୍ଷକ, କଣ୍ଟିଲୋ, ନୟାଗଡ**
**ମୋ: ୯୮୫୩୦ ୩୬୧୭୭**

# ମମତାରେ ବୋଳା ରାକ୍ଷୀ

**ସ୍ୱର୍ଣ୍ଣଲତା ମହାପାତ୍ର**



ରଙ୍ଗ-ବିରଙ୍ଗୀର ରେଶମୀ ଡୋର
ଭାଇ-ଭଉଣୀର ସ୍ନେହ ସାକ୍ଷର
ସାତ୍ୱିକ ପ୍ରେମର ଅଟେ ସେ ପ୍ରତୀକ
ଶ୍ରଦ୍ଧା- ସୌହାଦ୍ୟର ସାକ୍ଷୀ
ଜନ୍ମ-ଜନ୍ମାନ୍ତର ନିବିଡ଼ ବନ୍ଧନ
ମମତାରେ ବୋଳା ରାକ୍ଷୀ ।

ଆଶିଷ ଦିଅ ହେ କଳା ଠାକୁର
ସର୍ବଶୁଭେ ରଖ ଭାଇଙ୍କୁ ମୋର
କୋଟି ପୂଣ୍ୟବଳେ ଦେଇଛ ହେ ପ୍ରଭୁ
ମୋ ପାଖରେ ବେନି ଭାଇ
ବନ୍ଦାପନା କରି କପାଳେ ଦେଉଛି
ଚୋପି ଚନ୍ଦନ ଲଗେଇ ।



ଲୋଡ଼ା ମୋର ଖାଲି ସ୍ନେହ ଆଦର
ମାନ ଅଭିମାନ କରିବ ଦୂର
ହାତରେ ତୁମର ବାନ୍ଧୁଅଛି ଡୋର
ମଙ୍ଗଳ କାମନା କରି
ରାକ୍ଷୀ ପୂନେଇ କୁ ଚାହିଁ ରହିଥିବି
ସେନେହ ପ୍ରଦୀପ ଜାଳି ।

ହୋଇବ ତୁମେ ରେ ଜଗତଜିତା
ମୋ ପାଇଁ ସାଜିବ ରକ୍ଷାକରତା
ଗଢ଼ି ତୋଳିଦେବ ସମ୍ପର୍କର ସେତୁ
ଚିର ଅଭୁଲା କାହାଣୀ,
ଆଉ ଜନମକୁ ଜନମ ନେବିରେ
ହୋଇ ତୁମର ଭଉଣୀ ।

**ନୀଳାଦ୍ରୀ ବିହାର, ଭୁବନେଶ୍ୱର**
**ମୋ - ୯୦୪୦୬୮୮୦୧୨**



# ଭୁଲ

**ଯଜ୍ଞଦତ୍ତ ସାମନ୍ତରାୟ**

ଅନେକ ଥର ଭାବେ
ଶପଥ ବି କରେ
ମୁଁ ଆଉ ସେ
ଭୁଲ କରିବିନି
ହେଲେ, ପରିସ୍ଥିତିରେ ପଡ଼ି
ଅନ୍ୟକୁ ସାହାଯ୍ୟ,
ସହଯୋଗ କରି
ମୁଁ ପୁଣିଥରେ
ସେହି ଭୁଲ କରିବସୁଛି ।
ବୁଝିପାରେ ନାହିଁ
ଆପଣାର ହୋଇ
ସାହାଯ୍ୟ ପାଇଥିବା ମଣିଷଟା
ହଠାତ୍ ଏମିତି କେମିତି
ଅମଣିଷ ପାଲଟିଯାଏ,
ପ୍ରତାରଣା ଦେଇ
ମୋ ଭୁଲ କୁ
ପୁଣି ଥରେ
ଦୋହରାଇ ଦିଏ ।



ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୯୨୪

# ମନ ଜମା ବୁଝୁନାହିଁ

ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ

ପାଶେ ଥାଇ ଆମେ କେତେ ଦୂରେ ସତେସବୁ ବଦଳି ଯାଇଛି,
ଚିହ୍ନା ସହରରେ ସଭିଙ୍କ ଚେହେରା ଆଜି ଅଚିହ୍ନା ଲାଗୁଛି ।
ନିଜ ସ୍ୱାର୍ଥ ପାଇଁ ସବୁ ଭୁଲିଯାଇ ନିଜ ଲୋକ ଆଜି ପର,
ମିଠା କାଥା ଏବେ ଶୁଣିଲେ କାହାଠୁ ଲାଗୁଅଛି ଭାରି ଡର ।
କହି ହେଉ ନାହିଁ ସହି ହେଉ ନାହିଁ ମୂକ ସାଜି ମୁଁ ବସିଛି,
ସମୟ ସୁଅରେ ସତରେ ଦୁନିଆ କେତେ ବଦଳି ଯାଇଛି ।
ଲାଭ ଅବା କ୍ଷତି ହିସାବ କରୁନି ଟେକି ଦେଇଅଛି ହାତ,
ମଝି ଦରିଆରେ ନଉକା ଭାସୁଛି ପାଉନାହିଁ ଆଉ କାତ ।
ଲକ୍ଷ୍ମଣରେଖା କୁ ଅତିକ୍ରମ କରି ଯିଏ ଚାଲିଯାଇ ଅଛି,
ସୀତା ପରି ଦୁଃଖ ନିଶ୍ଚୟ ପାଇବ ଦ୍ୱିଧା ନାହିଁ ଆଉ କିଛି ।
ସମୟ କହିବ ଠିକ୍ ଭୁଲ୍ କଥା କି' ଲାଭ ମିଳିବ କହି,
ତଥାପି ଖୋଜୁଛି ପ୍ରଶ୍ନର ଉତ୍ତର ମନ ଜମା ବୁଝୁନାହିଁ ।

ମୋ-୯୮୬୧୦ ୦୯୪୩୬



# ଅନେକ ଅବ୍ୟକ୍ତ

**ବସନ୍ତ ମାଝୀ**



ଚେତନା ମୋ ମରୁଭୂମି ଧୂ ଧୂ ବାଲିର ପସରା
ସମୟର ଏଇ ଦୁଃଖାନ୍ତକ ଭୂଇଁରେ ଫୁଟାଇବି କେମିତି
ଗୋଲାପ ହେ କବି ପ୍ରିୟା ! କାହିଁ ମରୁଦ୍ୟାନର ବଖରା
ଦିଗେ ଦିଗେ ଦୁଃଖ ଶୋକ କ୍ଲେଶର ଇଶାରା
କ୍ରୀତଦାସ ମନ ବନେ ଆତଯାତ ହୁଏ ପରମ୍ପରା ।।



ହାଡ ଦେହେ କଅଁଳେ କି ପତର ସବୁଜ
ଓଠ କି ତୋଳି ପାରେ ସ୍ୱର ବଂଶୀର ବସନ୍ତ
ଗରଳର ନଦୀ ତଟେ ପରାଜିତ ନଙ୍ଗର ବହିତ୍ର
କେଉଁ ମାନଚିତ୍ରେ ଆଙ୍କି ହେବ ମନର ଜଗତ ?
ହଜିଛି ସୃଜନ ତରଙ୍ଗ କଦମ୍ବୀ ଉଦାମ ରୋମାଞ୍ଚ
ଛଳନାର ଏ ପଥେ କାହିଁ ପ୍ରୀତିର ସଂକେତ ??

ପାରୁଛ ତ ଦିଅ ମୋତେ କପୋତ ର ଡେଣା
ଦେଖିବାକୁ ଯିବି ଦୂରେ ଗୁପ୍ତ ଗଙ୍ଗା ସବୁଜ ପ୍ରଗଣା
ଲୁହରେ ବତୁରି ବତୁରି ଝୁଲି ହେବି ବାୟାର ବସାରେ
ଜୀବନର ଅକ୍ଷାଂଶ ଦ୍ରାଘିମା କଥା କିଏ ବା ପଚାରେ
ତୋତେ ଭଲ ପାଇବାର ଅର୍ଥ ବିପ୍ଲବର ହୁଏ ଆମନ୍ତ୍ରଣ
ସୃଜନର ବେଣୁସ୍ୱନ ଶୁଣିବ ଏ ଉଜୁଡା ଫଗୁଣ ।।

ଦୁଃଖ ବଂଶୀ ବାଇ ଦୂରେଇବା ଆସ ଅଙ୍କ ନିରବତା
ଅୟୁତ ସ୍ୱପ୍ନରେ କଳିକା ତୋଳି ହେବେ ଅନନ୍ତ ସତ୍ୟତା
ଆଦିମ ବୃକ୍ଷର ଶାଖାରେ ଶାଖାରେ ବିଭୋର ତର୍ଜମା
ଚିହ୍ନା ଫୁଲ ବଗିଚାରେ ଉନ୍ମନ ଅଧୀର ମହିମା
ଜହ୍ନରେ ଲେଖିବା ଭୂମିକା, ବାସ୍ତବତା ର ଲମ୍ବା ତାଲିକା
କଣ୍ଟାର କେତକୀ ବନେ ଲେଖି ହେବ ହୃଦୟ ଗୀତିକା।।

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର,, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୧୧୯୯୧୧

# ଗାଆଁ ମୋ ଶିରିକ୍ଷେତର

ବିପିନ୍ ମହାନ୍ତି



କାହିଁକି ଯିବି ମୁଁ କହ ନୀଳାଚଳ
ଗାଆଁ ମୋ ଶିରିକ୍ଷେତର,
ବାପା ମାଆ ମୋର ଚଳନ୍ତି ଠାକୁର
ଶ୍ରୀମନ୍ଦିର ମୋ ଘର ।

ଗାଆଁ ଦାଣ୍ଡଧୂଳି ଚାରିଧାମୁ ବଳି
ପୂଣ୍ୟ ବଡ଼ଦାଣ୍ଡ ଭଳି,
ସାଧୁସନ୍ଥ ଏଠି ମୋ' ପୂର୍ବପୁରୁଷ
ଅମୂଲ୍ୟ ସେ ପାଦଧୂଳି,
ଗାଆଁ ମୋ ପାବନ ତ୍ରୈଲୋକ୍ୟଭୂବନ
ନିତ୍ୟ ବଇକୁଣ୍ଠପୁର ।

ମୋ' ଗାଆଁ ମଶାଣି ମୁକ୍ତି ପଥ ପୁଣି
ଜଳିବ ସେଠି ମୋ' ଜୁଇ,
ଯେଉଁ ମଶାଣିରେ ଗାଆଁ ଇତିହାସ
ରହିଛି ପାଉଁଶ ହୋଇ,
ଏ ଜଗତେ ନାହିଁ ସେ ପାବନ ଭୂଇଁ
ସେଇ ମୋର ସ୍ୱର୍ଗଦ୍ୱାର ।

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୬୧୧୪୪୯୯୧



# ପରିଭାଷା

**ସରୋଜ କୁମାର ଶତପଥୀ**



ବାହାରର ନିଆଁ ଲିଭିଯାଏ ସିନା
ପାଣିର ଶୀତଳତାରେ,
ମନର ନିଆଁଟା ଲିଭେ ନାହିଁ କେବେ
ଶ୍ରାବଣ ବର୍ଷା ଧାରେ ।

ପ୍ରୀତି ଭରେ ସିନା ଆଞ୍ଜୁଳାଏ ପାଣି
ଛାଟିଦେଲେ ଥରୁଟିଏ,
ଅପସରିଯାଏ ମରମ ବେଦନା
ଶୁଷ୍କ ପଲ୍ଲବିତ ହୁଏ,
ପ୍ରତାରଣାଟାବି ସହି ସହି ଦିନେ
ପଡ଼ିଯାଏ ଅଭ୍ୟାସରେ ।

ପ୍ରେମ ପରିଭାଷା ବୁଝି ନାହିଁ ଯିଏ
ତାକୁ ବୁଝେଇବ କିଏ,
ପ୍ରଜାପତି ସିନା ଫୁଲର ମନକୁ
ବୁଝିବି ଅବୁଝା ହୁଏ,
ତଥାପି କାହିଁକି ପ୍ରଜାପତି ପାଇଁ
ଫୁଲ ନିତି ଝୁରି ମରେ ।

**ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,**
**ଭୁବନେଶ୍ୱର୍ -୭୫୧୦୦୨**
**ମୋ : ୯୯୩୭୧୨୮୫୪୭**

# ଭାଷାର୍ ସୀମ୍‌ନା କଏଁ ଯେ ?



**ନୀରଜ ଦାଶ ଶର୍ମା**

କୋଶଲୀ କହୁଁ କି ସମଲ୍‌ପୁରୀ
ଗୁଟେ ତ କଥା
ଗୁଟେ ବୁଲିର୍ ଡକାହକାର୍ ନାଁ
ଫେର୍
ଘିଚାଟନା କାଏଁ ଯେ ?
ସୀମ୍‌ନା ବାଗିଁ ସୀମ୍‌ନା ଭିତ୍‌ରେ
କାଏଁଯେ ଜିଇଁମୁ ଆମେ
ଆମର୍ ସୀମ୍‌ନା ସାଥେ କାଏଁ
ବାନ୍ଧିହେଇ ରହିଯିବା
ଆମର ଘିଚ୍‌ଲା ବନ୍ଧ୍‌ନି ଭିତ୍‌ରେ ?
ମାଁ’ ର୍ ଗୀତ୍ ଆର୍ ମନର୍ ଗୀତ୍
ଗୁଟେ ଭାବର୍ ଆର୍ ଗୁଟେ ଭାବ୍‌ନାର୍ ଧାର୍
ଗୁଟେ ମାଁ’ ର ଗୁରସ୍ ପିଆ
ଦୁଇଟା ଥନ୍
ହେଲେ ଛାତି ତ ଗୁଟେ
ଗୁଟେ ମମ୍‌ତାର୍ ଧାର୍ ।
ଭାଷା,
ଭାବର୍ ଧାର୍
ଯେନ୍ ବାଟେ ଯାଉ, ଯେନ୍‌ତେଇ ପୁହୁଁଚୁ
କଲମର୍ ଗାର୍ ଭିତ୍‌ରେ ଗାରିଦଉଁ ତାହାକେ
ଲେଖୁଁ
ନିଜର୍ କଥା, ଖେତ୍‌ଖଲାର୍ କଥା
ମୁନ୍‌ଷର୍ ସୁଖ୍, ଦୁଃଖ୍ ର କଥା
ଗଛ୍, ଖୁଁଟ୍, ନଏଦ, ନଲିଆର୍ କଥା
ଭାବର୍ ନାଁ ଟେ ଥିସି କାଏଁ
ଭାବନାର୍ ନାଁ ବାଗିର୍ ?
ଭାବ୍ ତ ସମୁଦ୍ରର୍ ଲହଡ଼ା ଆଏ
ଭାଷାର୍ ସୀମ୍‌ନା ଥି
ନାଇଁ ରହେ ବାନ୍ଧି ହେଇ ।



**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭୫୮୯୯୬**

# ଅବୁଝା ମନ

ଲୋପାମୁଦ୍ରା ପାତ୍ର



ମନ ବଗିଚାରେ ପ୍ରୀତି ର ଫୁଲଟି
ଫୁଟୁ ଥିଲା ଆଶା ନେଇ ।
ସବୁ ଆଶା ମୋର ବିଲୀନ ହୋଇଲା
ରାତି ଯେ ଗଲାଣି ପାହି ।।
ଭଲପାଇ ଯଦି ଭୁଲ୍ କରିଥିଲି
ଆଗରୁ କହିଲ ନାହିଁ ।
ମୋ ଓଠରୁ ଆଜି ହସ ନେଇ ତୁମେ
ଆନନ୍ଦରେ ଅଛ ରହି ।।
ପ୍ରତିକ୍ଷଣେ ଆଜି ମନେପଡ଼ ତୁମେ
ଝୁରୁଛି ସଦା ମୋ ମନ ।
କାହିଁ ଗଲ ଛାଡ଼ି ଏକାକୀ କାନ୍ଦୁଛି
ଫେରିବ କେବେ ସେ ଦିନ ।।
ଛଳନା ଦେଖାଇ ନିଜର କରିଲ
କେତେ ସ୍ୱପ୍ନ ଦେଖାଇଲ ।
ଶାଶ୍ୱତ ପ୍ରେମର ପ୍ରତିବିମ୍ବ ତୁମେ
ମନରୁ ଯେ ଭୁଲିଗଲ ।।
ଶୀତଳ ଜ୍ୟୋସ୍ନାରେ ତୁମ ସ୍ନେହ ଡାକ
ହୃଦୟ ବୀଣାରେ ବାଜେ ।
ସାତ ସୁରେ ଆଜି ଗାଏ ଇନ୍ଦ୍ରଧନୁ
ଜୋଛନା ତୁମକୁ ଖୋଜେ ।।
ମନ ଉପବନେ କୁସୁମ କାନନେ
ଦିଶଇ ତୁମ ମୂରତି ।
କୋଇଲି ରାଣୀର ମଧୁ ମୂର୍ଚ୍ଛନାରେ
ଶୁଭୁଛି ତୁମରି ପ୍ରୀତି ।।



# ବାହୁଡ଼ା ଦଶମୀ

ବିନୋଦିନୀ ଗଉଡ଼





ବାହୁଡନ୍ତି ଜଗନ୍ନାଥ
ଚଢି ନନ୍ଦିଘୋଷ ରଥ
ବାହୁଡ଼ା ଦଶମୀ ଆଜି ଦେଖ ସଙ୍ଗାତ
ଚାହିଁଛନ୍ତି ସିନ୍ଧୁ ଜେମା
ପ୍ରଭୁଙ୍କର ବାଟ ସିନା
ମନେ ଭରି ଅସରନ୍ତି ପ୍ରୀତି ପୁଲକ।୧)
ଜନମବେଦୀରୁ ପ୍ରଭୁ
କରମ ଭୂମିକୁ ଯାତ୍ରା
ଭାବ ଭକତିରେ ରଥ ଟାଣେ ଭକତ
ଯେତେ ସୁଖ, ମହୋତ୍ସବ
ଅଳପ ଦିନର ଗଳ୍ପ
କର୍ମ ହିଁ ତ ଜୀବନର ଏକାନ୍ତ ସତ୍ୟ।୨)
ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡେ
ଭକତିର ଅଶ୍ରୁଜଳେ
ଭାସୁଅଛି ସୁସଜ୍ଜିତ ତିନୋଟି ପୋତ
କରିଦିଏ ସମ୍ମୋହନ
ସୁନ୍ଦର ଚକାନୟନ
ବୋଲିଦିଏ ସତେ ଅବା ସ୍ନେହ ଅମୃତ।୩)



କୋଡିଏ ଓ ଏକୋଇଶି
କୋରନା ରହିଲା ଗ୍ରାସି
ଭକ୍ତ ବିନା ଭଗବାନ କେତେ ଉଦାସ
ବାଇଶିରେ ରଥଯାତ୍ରା
ଭକତ ମେଳରେ ଜଗା
ଚକା ଆଖି ଝଲସୁଛି ହୋଇ ହରଷ।୪)
ରଥ ପରେ ଜଗଦୀଶ
ଭାଇ,ଭଉଣୀ ସଙ୍ଗତ
ଦେଖାଇଲେ ଜଗତକୁ ପ୍ରେମ ଶାଶ୍ୱତ
ଅଭିମାନୀ କମଳିନୀ
ମନାଇଲେ ବେଣୁପାଣି
ଦାମ୍ପତ୍ୟର ଜୟଗାନ ବାହୁଡ଼ା ଯାତ।୫)

କ୍ୱାଟର୍ ନଂ – ଉ୧-୧ / ୧
ନିଉ ଗଭର୍ନମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫



# ଛ' ଖଣ୍ଡି କାଠ

ଜ୍ୟୋତିପ୍ରକାଶ ଗଡ଼ତ୍ୟା

ଶେଷରେ ଛାଡ଼ି ଯିବାକୁ ହୁଏ
ସମ୍ପର୍କ, ଆତ୍ମୀୟତା
ଏବଂ ନିବିଡ଼ତାର ବନ୍ଧନ
ଘର,ଜମି, କୋଠାବାଡ଼ି
ସବୁ ନୀରବ, ନିଶ୍ଚଳ
କଥା କହନ୍ତିନି
ପରିଚୟ, ପଦ ପଦବୀ
ପ୍ରତିଷ୍ଠା, କ୍ଷମତା, ଐଶ୍ୱର୍ଯ୍ୟ
ଧୂଳି ପରି ଝାଡ଼ିହୋଇ
ଉଡ଼ି ଯାଆନ୍ତି
ଦୂର ଦୂରାନ୍ତକୁ
ସମୟର ପବନ ସାଥେ
ଆକାର ନିରାକାର ହୋଇ
ମିଶିଯାଏ ପଞ୍ଚଭୂତ ମଧ୍ୟେ
ଅଗ୍ନିର ଶିଖା ଜଳିଉଠେ,
ପାଉଁଶ ପାଲଟି ଯାଏ
ରହିଯାଏ କେବଳ
ମୂକ ସାକ୍ଷୀ ହୋଇ
ଛ' ଖଣ୍ଡି କାଠ, ଆଉ
ସତ୍ୟ ରାମ ନାମ,
ଲିଭିଯାଏ ପାଦ ଚିହ୍ନ,
ହଜିଯାଏ ସ୍ମୃତି
ବିସ୍ମୃତିର ଗରଭେ,
ସମୟର ପ୍ରଖର ସ୍ରୋତରେ
ରହିଯାଏ, ହତାଶା,
ବ୍ୟର୍ଥତା ଓ ଶୂନ୍ୟତା
ସଂଗ୍ରାମ ଓ ସଂଘର୍ଷର
ଅବଶିଷ୍ଟ ଜୀବନର



ଟିଟିଲାଗଡ଼,ବଲାଙ୍ଗିର
ପିନ୍-୭୬୭୦୩୩
ମୋ - ୯୭୫୮୮୨୭୫୫୨

# ଭରା ନଈ

ଭିକାରୀ ଚରଣ ମିଶ୍ର



ପାଦଟିଏ କୂଳରେ ଥୋଇଲେ
ନଈ ଦିଶେ
ଢାମଣା ପରି କୁଦି ଆସୁଥାଏ ଝଡ
ପାଦ ତଳର ଉଇହୁଙ୍କା
ବିଦୀର୍ଣ୍ଣ କରି ଫୁଟୁ ଥାଏ ଆଖିରେ

ବନ୍ୟା ମାତିବ,ଦଙ୍ଗା ଫାଟିବ
ମେଘ ବର୍ଷିବ...କ'ଣ ହୁଏ ତା'ପରେ ?

ପାଦ ନଈରେ ଖୋଜୁଥାଏ ଭଉଁରି
ଜୀବନଟିଏ ପ୍ରବାହର
ଢାମଣାର ଜିଭରୁ ଭିଡି ନେବାକୁ
ଆୟୁଷର ଦିନପଂଜି
ଏ ପ୍ରବାହ ବି କେମିତି ଯେ
ଜୀବନ କ'ଣ ଜାଣେନା
ନହେଲେ ଭଉଁରିରେ ଭ୍ରମିଭ୍ରମି
ହୁଙ୍କା ହୋଇ ଫୁଟନ୍ତାନି ପାଦରେ
ପାଦସବୁ ଆଖି ହୁଅନ୍ତେନି



ନଈ କ୍ରମଶଃ ପାଖେଇ ଆସେ
କାଳକାଳ ଏମିତି ପାଖେଇ
ପୁଣି ଖସିଯାଏ
ପାଦ ତଳର ଛାଇ ପରି
ଡମଣାର କାତି ପରି
ଝଡର ଝାଡଣ ପରି
ନଈର ପ୍ରବାହ ପରି
ହୁଙ୍କାର ଅହଂକାର ପରି
ଆୟୁରୁ ଜୀବନ ପରି

ଆଖି ସାକ୍ଷ ଦେଇ ପାଦର
ସେମିତି ଚାହୁଁଥାଏ
ନଈଟିଏ ଆସିବା ବାଟକୁ
ପୁଣି ଦେଖୁଥାଏ ନଈର ନଈ ମାନଙ୍କୁ
ମାୟା ସର୍ବସ୍ୱ ପୁଂଜିରେ
ବଢୁଚି କେମିତି ଲଗାଣର ମୋହ
ଅହରହ ।

ତାରା ଭବନ,
ଟିଟିଲାଗଡ଼,ବଲାଙ୍ଗିର
ମୋ - ୯୬୭୮୮୫୫୯୭୬

# ମାଟି

**କ୍ଷଣପ୍ରଭା ମହାନ୍ତି**



ମାଟି ଆଉ କଣ କି ?
ଯୋଜନ ବିସ୍ତୃତ ସବୁଜିମାର ଶରଧା
ସଜାଇ ଧରିଛି ଯେ ହୃଦୟରେ ।
ଉତ୍ତାଳ ତରଙ୍ଗର ଉନ୍ମନା ପଣକୁ
ଆଦରି ଯିଏ ସାଜୁଛି ଗାମ୍ଭୀର୍ଯ୍ୟର ତପ
ଅନାଦିରୁ ଯିଏ ବାଣ୍ଟି ଚାଲିଛି
ସହନଶୀଳତାର ଅମୋଘ କଳା-କୌଶଳ
ଐଶ୍ୱର୍ଯ୍ୟରେ ଯିଏ ଅଫୁରନ୍ତ ଗନ୍ତାଘର ।

ମାଟି ତ ନିର୍ବିଶେଷେ ଦେଖେ
ଅନ୍ତରୀକ୍ଷରୁ ଆକାଶର ବିଚିତ୍ର ବର୍ଣ୍ଣାଳି
ଉପଭୋଗ କରୁଥାଏ ଛାଇ ଆଲୁଅର କସରତ
ନିଜ ଛାତିରେ ଫୁଟାଏ କଅଁଳ ପତ୍ର
କଢ଼ରୁ ଫୁଲ ଆଉ ଫଳରୁ ମଞ୍ଜି
ସହିଯାଏ ଲଙ୍ଗଳ ମୂନର ଆଘାତ
ବିସ୍ଫୋରଣ କ୍ଷତାକ୍ତ କରେ ଡାଇନାମାଇଟ୍ ।

ଅନିଚ୍ଛା ସତ୍ତ୍ୱେ ବି ପିଉଛି ସେ
ଅଜୈବିକ ହଳାହଳ ନିତିଦିନ
ପଞ୍ଚଭୂତର ଶରୀର ବି ହୁଏ ଏଠି ରୂପାନ୍ତର
ମାଟି ହସେ ଝୋଟିରେ, ବେଦୀ ମଣ୍ଡପରେ
ମାଟି ପିଣ୍ଡା, କାନ୍ଥରେ ଓ ମୁରୁଜରେ

ଏଇତ ସୂଚାଗ୍ରେ ମାଟିପାଇଁ ମହାଭାରତ
ଏଇତ ଭୌଗଳିକ ରେଖାରେ ବହୁ ରକ୍ତପାତ
ଏଇ ମାଟି ପାଇଁ ଶହୀଦତ୍ୱ
ଏଇ ମାଟିରେ ଲେଖା ହୁଏ ଇତିହାସ
ଏଇ ମାଟିରେ ଚାଷୀର ଭାତହାଣ୍ଡି
ଏଇ ମାଟିରେ ସପ୍ନଙ୍କର ଚାଲଇ ପହଣ୍ଡି ।

ମୋ : ୯୪୩୮୩ ୮୩୧୬୧



# ବୋଉ

ସ୍ନେହଲତା ପଟ୍ଟନାୟକ



"ବୋଉ" ବୋଲି ଯେଉଁ ଦୁଇଟି ଅକ୍ଷର
ସେ ତ ସଂସାରରେ ସାର
କଳି(କଳ୍ପନା) ହୁଏ ନାହିଁ ସେ ଶବ୍ଦର ମୂଲ୍ୟ
ନାହିଁ ତାର ପଟ୍ଟାନ୍ତର ।୧ ।
କେଉଁ ଗୁଣ ତୋର ସୁମରିବି ବୋଉ
ଭାବି ମୁଁ ପାରୁନି ମନେ
ମହାସାଗର ତୁ ସବୁ ଗୁଣର ଲୋ
ପୂଜ୍ୟା ତୁ ସର୍ବଜନେ ।୨ ।
ମନେପଡ଼େ ବୋଉ ପିଲାଦିନ କଥା
ଜନମିଲି କୋଳେ ତୋର
ହାତଧରି ମୋତେ ଚାଲି ଶିଖାଇଲୁ
ପରିଚୟ ଦେଲୁ ମୋର ।୩ ।
ଚାଲୁ ଚାଲୁ ଯଦି ଝୁଣ୍ଟି ପଡୁଥିଲି
ଟେକି ଧରୁଥିଲୁ ମୋତେ
ଝରିଗଲେ ଲୁହ ପୋଛି ଦେଉଥିଲୁ
ତୋହରି କାନି ପଣତେ ।୪ ।
କେତେ ଯୁଗ ବୋଉ ତପସ୍ୟା କରି ମୁଁ
ତୋ ଭଳି ମାଆ ପାଇଲି
ତୋ ସ୍ନେହ ମମତା ପରଶ ପାଇ ମୁଁ
ଏତେ ବଡ଼ ହୋଇଗଲି ।୫ ।
ବିଧାତା ସହିଲା ନାହିଁ ଏତେ ସୁଖ
ମୋ ଠାରୁ ଛଡ଼ାଇ ନେଲେ
ମୋ ବୋଉ କୁ ନେଇ କାହିଁ କେତେ ଦୂରେ
ମୋତେ ଏକା କରିଦେଲେ ।୬ ।
ମୋତେ ପାଇବାକୁ କେତେ ବ୍ୟାକୁଳତା
କେତେ ମାନସିକ କଲୁ
ଶୁଝି ପାରିଲୁନି ସବୁ ମାନସିକ
ଋଣୀ କରି ଦେଇ ଗଲୁ ।୭ ।
ଗେଲବସରରେ ବଢ଼ାଇଥିଲୁ ଲୋ
କେତେ ଦୁଃଖ ଦେଇଗଲୁ
ଦୁଃଖ ଯନ୍ତ୍ରଣାରେ ଛାଡ଼ି ଯିବାପାଇଁ
କିପରି ତୁ ମନ କଲୁ ।୮ ।



ଭାବିଲୁନି ଥରେ ପୁଅ ଝିଅ କଥା
ସ୍ୱାର୍ଥପର ହୋଇଗଲୁ
କାହା ଭରଷାରେ ଛାଡ଼ିଦେଇ ବୋଉ
ଏତେ ଦୂର ଚାଲିଗଲୁ ।୯ ।
ଏକା ଏକା ବସି ଭାବେ ତୋର କଥା
କେତେ ରାତି ବିତି ଯାଏ
ଏ ଜନ୍ମେ କେମିତି ପାଇବି ବୋଉକୁ
କହିପାରିବ କି କିଏ ? ।୧୦ ।
ଆଖି ବୁଜିଦେଲେ ସପନରେ ଆସି
ମୁଣ୍ଡ ମୋ ଆଉଁସି ଦେଉ
ସ୍ୱପ୍ନ ଭାଙ୍ଗିଗଲେ ଏକା କରି ମୋତେ
ବହୁଦୂର ଚାଲିଯାଉ ।୧୧ ।
ତୁ ଥିଲୁ ମୋହର ନିଶ୍ୱାସ ଲୋ ବୋଉ
ବିଶ୍ୱାସ ତୁ ଥିଲୁ ମୋର
ସବୁ ବିଶ୍ୱାସକୁ ଭାଙ୍ଗିଦେଇ ବୋଉ
କରିଦେଲୁ ମୋତେ ପର ।୧୨ ।
ମୁଣ୍ଡ ରଖିଦେଲେ ତୋ କୋଳରେ ବୋଉ
ଭୁଲି ଯାଉଥିଲି ଦୁଃଖ
ତୋ ହାତର ସ୍ପର୍ଶ ଟିକେ ପାଇଗଲେ
ମିଳୁଥିଲା ସ୍ୱର୍ଗ ସୁଖ ।୧୩ ।
ଭାଗ୍ୟହୀନା ଆମେ କେଉଁଠୁ ପାଇବୁ
ତୋ ପରି ବୋଉଟେ ଆଉ
ମା' ଛେଉଣ୍ଡ ତ କରିଦେଲ ପ୍ରଭୁ
ସାହା ହେବ ମହାବାହୁ ।୧୪ ।
ଧନଜନ ଆମ ଲୋଡ଼ା ନାହିଁ କିଛି
ଏତିକି ଗୁହାରୀ ଥାଉ
ମାଗୁଛୁ କେବଳ ତୋ ଭଳି ମା' ଟି
ଯୁଗେ ଯୁଗେ ମିଳୁଥାଉ ।୧୫ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ବାପୁଜୀ ନଗର, କଣ୍ଟିଲୋ, ନୟାଗଡ଼



# ସମୟ

କବିତା ନାୟକ



ମୁଁ ଯଦି ପାରନ୍ତି ଧରି
ସମୟର ସୂତାଖିଅକୁ
ମୁଁ ଯଦି ଦେଖନ୍ତି ଥରେ ସ୍ୱଚକ୍ଷୁରେ
ତା ସ୍ୱରୁପକୁ,
ପାରନ୍ତି ଯଦି ମୁଁ କହି
ମୋ ମନର ଅବ୍ୟକ୍ତ ବେଦନା
ସନ୍ତାପିତ ହୁଅନ୍ତା ମୋ ପ୍ରାଣ
ନିର୍ବାପିତ ହୁଅନ୍ତା ଯନ୍ତ୍ରଣା ।
ଭୁଲାଇ ପାରନ୍ତି ମନୁ
ପିଲାଦିନ ଦାଣ୍ଡ ଧୂଳିଖେଳ,
ରଜଦୋଳି,କଙ୍କିଧରା
ବୋହୁଚୋରି ସାଙ୍ଗସାଥି ମେଳ।
ହଜାଇ ଦିଅନ୍ତି ଯଦି
ମୋ ମନରୁ ଗ୍ରାମ ଆମ୍ବ ତୋଟା
ପୁଚିଖେଳ, ବାଗୁଡିର
ମନଭୁଲା ଶବ୍ଦର କୁହାଟ ।
ରେ ସମୟ,
ଫେରାଇ ଦେବୁକି ମୋତେ
ମୋ ସୁନ୍ଦର ,ରଙ୍ଗୀନ ଅତୀତ?
ନଥାନ୍ତା ଆଜିର ଚିନ୍ତା ଓ ଚେତନାର
ଲୁଚାଛପା ଖେଳ ।
ଅଦୃଶ୍ୟ ଭବିଷ୍ୟ ପାଇଁ
ଯେତେ ସବୁ ଦୃଢ଼ କାର୍ଯ୍ୟବଳ ।
ତୁ ଯଦି ଫେରି ଆସନ୍ତୁ
ମୋ ମନର କାଗଜ ଡଙ୍ଗା ରେ
ଫିଙ୍ଗି ଦିଅନ୍ତି ଯେତେ କଷ୍ଟ
ସେଦିନର ଲଟେଇ ଗୁଡିରେ।



ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୭
ମୋ : ୭୭୩୫୯୧୭୧୧୧

# ନାରୀ

ରୀତା ମିଶ୍ର



ମୁଁ ନାରୀ
ମୁଁ ସ୍ୱୟଂସିଦ୍ଧା
ମୁଁ ସ୍ୱୟଂ ସମ୍ପୂର୍ଣ୍ଣା
ମୁଁ ସର୍ବଂସହା ଧରିତ୍ରୀ
ମୁଁ ସୃଷ୍ଟିକାରିଣୀ
ଆଉ ଦୁଷ୍ଟ ମାନଙ୍କ ବିନାଶ ପାଇଁ
ମୁଁ ଧ୍ୱଂସ କାରିଣୀ ।

ଜନନୀ, ଭଗିନୀ,ଜାୟା ରୂପରେ
ମୁଁ ଯୁଗେ ଯୁଗେ ଦେଇଆସିଛି
ସ୍ନେହ ଓ ସୌହାର୍ଦ୍ଦ୍ୟ।
ମୁଁ ମମତାମୟୀ,ପ୍ରେମମୟୀ,ସ୍ନେହମୟୀ
ମୁଁ କରୁଣାର ଏକ ସ୍ୱଚ୍ଛ ନିର୍ଝର
କୁଳୁକୁଳୁ ନାଦେ ବହି ଯାଉଥାଏ
ବାଣ୍ଟି ବାଣ୍ଟି ମୋର ସ୍ନେହ ବୋଳା ନିର
କେତେ ଶିଳା ଉପୃଳ ପଡେ ମୋ ପଥରେ
କେତେ ବନ୍ଧୁର ରାସ୍ତା ଦେଇ ଅତିକ୍ରମ କରେ
ତଥାପି ଭ୍ରୁକ୍ଷେପ ନଁକରି କିଛି
ମୁଁ ମୋର କର୍ମ କରି ଚାଲିଥାଏ ।



ଏପଟେ ସନ୍ତାନ ସେପଟେ ସ୍ୱାମୀ
ଆଉ ଶାଶୁ ଶ୍ୱଶୁର,ନଣନ୍ଦ ଦିଅରଙ୍କ ଅର୍ଦ୍ଦଳି
ସବୁତ ମୁଁ ସମ୍ଭାଳି ନିଏ ସୁଚାରୁ ରୂପେ
ତେବେ କାହିଁ ଏତେ
ହୀନ ନଜର ମୋ ପାଇଁ??
ଚକି ପେଷିହେଲା ପରି ପେଷି
ହୋଇହୋଇ ବେଳେବେଳେ
ମୁଁ ଅବଶ ହୋଇଯାଏ
ହେଲେ ଆହା ପଦେ କାହା ପାଟିରୁ
ବାହାରେନିଁ
ମୋ ଘର୍ମାକ୍ତ ଦେହର ବିନ୍ଦୁ ବିନ୍ଦୁ ସ୍ୱେଦ
କେହି ପୋଛି ଦିଅନ୍ତିନିଁ
ଆହୁରି ଦିପଦ ଶୁଣିବାକୁ ପଡେ
ବୋହୂଟି କିଛି କାମର ନୁହେଁ ।

ବେଳେବେଳେ ଭାବେ ଧିକ୍ ଏ ଜୀବନ
କିନ୍ତୁ ନାଁ,ପରବର୍ତ୍ତୀ ମୂହୁର୍ତ୍ତରେ
ମୁଁ ନିଜେ ନିଜକୁ ସମ୍ଭାଳି ନିଏ
ମୁଁ ପରା ନାରୀ
ବିଷ ଢୋକି ଅମୃତ ବାଣ୍ଟିବାର
କ୍ଷମତା ଅଛି ମୋ ପାଖରେ
ମୁଁ ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱ ରେ
ହଁହଁ, ମୁଁ ସମସ୍ତଙ୍କ ଠାରୁ
ଖୁବ୍ ଉର୍ଦ୍ଧ୍ୱ ରେ
ଖୁବ୍ ଉର୍ଦ୍ଧ୍ୱରେ ।

# ଜଗାରେ

ଡ. ମାଙ୍ଗଳିକା ମହାପାତ୍ର



ଆରେ ମୋର ଜଗାରେ...
ଦେଖିଲେ ତୋ ଆଖିରେ
ମନ ଯାଏ ଲାଖିରେ
ରହିଛୁ ତୁ ସାକ୍ଷୀ ରେ...

ଛୁଇଁଲେ ତୋ ରଥ ଦଉଡ଼ି
ପାପ ତ ସବୁ ଯାଏ ଧୋଇ
ଚାଲିଲେ ତୋ ବଡ ଦାଣ୍ଡରେ
ଲାଗେ ମୁକତି ଗଲି  ପାଇ...



ଚଢିଲେ ରଥରେ ତୋର
ଜୀବନ ସାର୍ଥକ ମୋର
ଦେଖିଲେ ଛେରା ପହଁରା
ନେତ୍ର ହୁଏ ଲୁହ ଭରା...

ଛୁଇଁଲେ ଗରୁଡ଼ ସ୍ତମ୍ଭ
ମନେ ଭରିଯାଏ ଦମ୍ଭ
ଦେଖିଲେ ଆଳତି ତୋର
ଖୁସି ଭରେ ମନେ ମୋର...

ଖାଇଲେ ତୋ ଅଭୋଡା ଖିରି
ଆତ୍ମା ତୃପ୍ତିରେ ଯାଏ ଭରି
ନିର୍ମାଲ୍ୟ କୁ ମଥାରେ ମାରି
ସଂସାରକୁ ଯାଏ ପାଶୋରି...

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# ସ୍ୱପ୍ନ ସବୁ ଏ ମାଟିର

**ଡ. ପ୍ରବୀଣା ପରିଡ଼ା**



ସ୍ୱପ୍ନ ସବୁ ଉଙ୍କିମାରେ
ଏ ମାଟିରେ-
ଖଣି ଖାଦାନର
ମୋହକୁ ନେଇ
ଖଟିଖିଆ ମଣିଷ ର
ବଡୁରା ମନରେ
ଅସୀମ ଆଶାକୁ ନେଇ ।
ସ୍ୱପ୍ନ ସବୁ ମଞ୍ଜି ବୁଣେ ଅଧିକାର କୁ ନେଇ,
ଶାନ୍ତି କେତନ ଉଡେ
ସ୍ୱାଧୀନତାର ଗୀତି ଗାଇ।
ପେଟର ଭୋକକୁ ଫୁଙ୍ଗୁଳା କାୟା
ମୁଣ୍ଡ ଗୁଞ୍ଜିବାକୁ
ପାଏ ନା ରାହା,
ମନ ଖୋଜେ ଆକାଶରୁ ଚେନାଏଁ
ଶୁଖିଯାଏ ଫଟା ସିଲଟ ଆପଣା ଛାଏଁ।
କାହିଁ ଗଲେ ଗୋପବନ୍ଧୁ, ଅରବିନ୍ଦ ଗାନ୍ଧୀ,
ଆଖିର ତତଲା ଲୁହ କୋହଭରା ମନ
ଯୁଗ ଯୁଗର ସାକ୍ଷୀ ।
ନୂତନ ଚେତନାର ଅଭିଯାତ୍ରା
ଶୁଭ ବେଳାକୁ କରି ସ୍ୱାଗତ
ନିନାଦିତ ଜୀବନ ମନ୍ତ୍ର ।
ସଞ୍ଜିବନୀ ର ପରଶେ
ଆଖିରୁ ପୋଛିବ ସବୁ ଦୁଃସ୍ୱପ୍ନ, ସମ୍ଭାବନାର ପାଦ ଶବ୍ଦ
ଶୁଭେ ସାହାନାଇର,
ସ୍ୱପ୍ନ ସବୁ ସତ ହେବ ଏ ମାଟିର ।।




ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ବର୍ଷୁକୀ ନାଦ

**ଜୟଶ୍ରୀ ପଟ୍ଟନାୟକ**





ବରଷାକି ଆଜି ଦେଇଛି ଗୋ ସଖୀ, ଘନ ବନାନୀରେ ପାଣି
ଝିପି ଝିପି ହୋଇ ବରଷି ଯାଉଛି, ବିରହୀ ମନକୁ ଜାଣି
ବନ୍ଧ୍ୟା ମାଟି ଏବେ ହେଲାଣି ବତର, ପାଇ ବରଷାର ଛିଟା
ପୁଲକିତ ଏବେ ତନୁମନ ତାର, ଦେଖି କଳା ଘନଘଟା ।

ବର୍ଷୁକୀ ନାଦରେ ଜଗାଏ ସ୍ୱପ୍ନ, କାହା ଆଖି ତଳେ ଥାଇ
କା ଆଖିରୁ ନିଦ ଚୋରାଏ ସେ ପୁଣି, ପ୍ରତୀକ୍ଷାର ରୂପ ନେଇ
ଭିଜିଯାଏ ମନ ତା ପ୍ରେମ ବନ୍ଧନେ, ଯାଦୁ କରିଛି କି ସେଇ
ମାଟିରୁ ଆକାଶ ତାର ପ୍ରୀତି ଚିହ୍ନ, ପରଶ ଯାଇଛି ଦେଇ ।

ଶାନ୍ତି ଦେଇଛି ନିଦାଘ ଜ୍ୱାଳାରୁ, ଆତ୍ମୀୟତା ଭରିଦେଇ
ଆତ୍ମତୃପ୍ତିର ରଙ୍ଗ ଯେ ବୋଳିଛ, ଅମୃତକୁ ସିଂଚିଦେଇ
ନୂପୁର ନିନାଦେ କରି ଆତ୍ମହର, ଅଭିସାର ସେ ରଚିଛି
ପ୍ରୀତି ବରଷାରେ ମଧୁର ମୂର୍ଚ୍ଛନା ସବୁରି ପ୍ରାଣେ ଭରିଛି ।

ବିରହୀ ପ୍ରାଣକୁ କରିଛି ଶୀତଳ ଝର ଝର ଝରିଯାଇ
ଭିଜାମାଟିର ସେ ବାସ୍ନା ଦେହରେ ଯାଏ ନିଜକୁ ହଜାଇ ।

**ଗଙ୍ଗନଗର, ଭୁବନେଶ୍ୱର**
**ମୋ - ୭୯୭୮୧ ୧୦୪୭୪**



# ଆଉ ନ ଫେରିବାର ମୁହୂର୍ତ୍ତ

ମଞ୍ଜୁଲତା ସିଂ

ସମୟର ପାହାଚରେ ପାଦ ଦେଇ
ସେଇ ଯେ ଚାଲି ଆସିଲି ଏକା ମୁହାଁ ହୋଇ
ଅତିକ୍ରମି ଗଲି କେଜାଣି କେତେ ବାଟ
ସମ୍ମୁଖରେ ସ୍ୱର୍ଣ୍ଣିମ ମାୟାମୃଗର
ଅଦ୍ଭୁତ ପ୍ରଲୋଭନ...
ପଛରେ ଛାଡି ଆସିଲି ଅନେକ କିଛି
ସେଦିନ ସୂର୍ଯ୍ୟୋଦୟର ଆଦ୍ୟ ଅରୁଣିମା
ପାଟଳ ରଙ୍ଗର ସକାଳ
ବର୍ଷା ,ବସନ୍ତ, ବୈଶାଖର
ବିଭୋର ମୁହୂର୍ତ୍ତ...
ଫୁଲ ଫୁଟା ଋତୁଙ୍କର ବର୍ଣ୍ଣ ମହୋତ୍ସବ..
ଧୂଳି ଦାଣ୍ଡରେ ବୁଣି ହୋଇ ଯାଇଥିବା
ସୋରି ସୋରି ଜହ୍ନରାତି
ଅଙ୍କାବଙ୍କା ରାସ୍ତାରେ
ଚିହ୍ନା ଅଚିହ୍ନା ପାଦ ଚିହ୍ନ
ଶିଶିରସିକ୍ତ ଘାସ ଫୁଲର
ନୀଳ ନିମନ୍ତ୍ରଣ..
ମୁଁ ଲୋଡୁଥିବା ଅସରାଏ ମେଘ
ପଣତ ଉଡାଇ ନେଉଥିବା
ଦେହ ଉଲୁସା ପବନ
ଗାଧୁଆ ତୁଠରେ ହଳଦୀ ଗିନାର
ମହକିତ ବାସ୍ନା
ମୋତେ ଛୁଉଁ କହି ଉଡି ଯାଉଥିବା
ପ୍ରଜାପତିର ରଙ୍ଗୀନ ଆମନ୍ତ୍ରଣ
ହଳେ ଓଦା ଓଦା ଉଦାସ ଆଖି
ବୋଉର ସ୍ନେହସିକ୍ତ ପଣତ
କିଏ କଣ ଅଟକାଇ ପାରିଥିଲା ମୋତେ ?

ଆଗରେ ସୁବର୍ଣ୍ଣ ମୃଗର ମୋହ
ମୁଁ ଖାଲି ଧାଇଁଛି... ଆଉ ଧାଇଁଛି...
ଏବେ ମୁଁ ମୋ ଠିକଣାରେ
ଖୋଜି ଚାଲିଛି ନିଜକୁ...
ଅନ୍ତର୍ଦାହର ନିକିତିରେ
ମାପି ଚାଲିଛି
ଛାତିର ଦରଜ
କଅଁଳ ପତ୍ରର ପାପୁଲିରେ
ହଜିଲା ସ୍ମୃତିର ଗୋଲାପି ରଙ୍ଗ ଚିଠି
ଲଫାପା ଆଡେଇ ବାହାରି ଆସୁଛି
କାହାର ପ୍ରଚ୍ଛନ୍ନ ଇଙ୍ଗିତ
ହଁ, ସେଇ ଜହ୍ନରାତି
ସିରିସିରି ପବନ
ହଳେ ଉଦାସ ଆଖି
କିନ୍ତୁ, ହାୟ!
ଆଉ ନ ଫେରି ପରିବାର ଅନ୍ତର୍ଦାହରେ
ମୁଁ ଏବେ ଏକ ଦୀର୍ଘଶ୍ୱାସର
ଅସରନ୍ତି ଅବସୋସ...!!

ବାଙ୍ଗାଲୋର୍



# ଝରକା

ଜ୍ୟୋତିର୍ମୟୀ ପଣ୍ଡା



ଝରକା ମାଧ୍ୟମେ କରିଛି ସଂସାର ଅବଲୋକନ
ଭରିଛି ନିଃଶ୍ୱାସେ ମତୁଆଲା ଶୀତଳ ସମୀରଣ
ହାତ ବଢ଼େଇ ପାଇଛି ଆଦ୍ୟ ଆଷାଢ଼ର ପହିଲି ପରଶ
ସ୍ୱର୍ଣୀମ ଆକାଶେ ସୂର୍ଯ୍ୟୋଦୟର ରକ୍ତିମ ଆଭାଷ
ବାତାୟନ ସେପାଖେ କାକଳି ତାନେ ନିଦ ଭାଙ୍ଗେ ପ୍ରତ୍ୟୁଷେ
କଅଁଳିଆ ସୁରୁଜ କିରଣ ଜଗାଏ ସ୍ଫୁର୍ତି ମନ ପ୍ରାଣେ
ଖବର କାଗଜ ପଢ଼ାକୁ , ଗରମ ଚା'ପିଆର ମଜା
ପରିବାବାଲାର ଚିତ୍କାର , ପରିବା ତାଜା ତାଜା
କର୍ମକ୍ଷେତ୍ର ଯିବାକୁ କାନ୍ଥଘଣ୍ଟା ଅନାବଶ୍ୟକ
ଏତିକି ଯଥେଷ୍ଟ, ଗବାକ୍ଷେ ମିତ୍ରର ଡାକ
ସଂଜ ନଇଁଲେ ମନ ଟାଣେ ଝରକା ଆଡ଼କୁ
କ୍ଳାନ୍ତିଭରା ଜିବନେ ଶାନ୍ତି ଟିକେ ଖୋଜିବାକୁ
ରାତ୍ରିର ଝଲମଲ ଆଲୋକମାଳା
ରୋଚକ ଚଟପଟିଆ ଖାଦ୍ୟର ମେଳା
କୈଶୋରବସ୍ଥା ରେ ସୁନେଲି ଭବିଷ୍ୟତର ବାରତା
ଘରଲେଉଟିଆଙ୍କ ତତ୍ପରତା ବ୍ୟସ୍ତତା
ଝରକା ନୁହେଁ , ଚଳଚଞ୍ଚଳ ଚିତ୍ର ପରଦା
ଜିବନଯୁଦ୍ଧ ରେ ଚିତ୍ରିତ ଅପୂର୍ବ ଗାଥା
ସଦ୍ୟଜାତ ଶିଶୁର କୁଆଁ କୁଆଁ ରାବ ପ୍ରଥମ ଦୃଶ୍ୟ
ଶେଷ ଯାତ୍ରାର, "ରାମ ନାମ ସତ୍ୟ ହେ " ଶେଷ ଦୃଶ୍ୟ
ଆକାରେ ସିନା ଛୋଟ , ଦେଖାଇ ଦିଏ ସେ ସାରା ଦୁନିଆ
ଶିଖାଇଦିଏ , ଜୀବନଯୁଦ୍ଧର ପରିଭାଷା
ଗଢ଼ିତୋଳେ ଦୃଷ୍ଟିକୋଣ, ଗାଇବାକୁ ସଙ୍ଗୀତ ମୂର୍ଚ୍ଛନା
ପରସ୍ପରେ ଥାଇ ସହଯୋଗିତାର ସଦଭାବନା



ପ୍ରଗତି ବିହାର, ଭୁବନେଶ୍ୱର
ମୋ - ୯୮୭୧୫ ୧୩୪୭୮

# ଖାଲି

ଜାହ୍ନବୀ ଚୌଧୁରୀ



ଖାଲିରେ ଖାଲିରେ ଯାଉ ଏ ଖାଲି ଜୀବନ
ଖାଲି ଖାଲି ପଣରେ ବିତୁଥାଉ ରାତିଦିନ
ଖାଲି ହେଲେ ଖାଲିରେ ନଥାଏ ଖାଲଢିପ
ଖାଲିରେ ଖାଲି ମିଶି ଖାଲି ହୁଏନି ମାପ ।

ଖାଲି ଖାଲି ହୋଇ ସବୁ ଖାଲି ହୋଇଯାଏ ଖାଲିକୁ ନେଇ କାହାକୁ
କଣ ଦିଆଯାଏ ? ଖାଲିମନରେ ଯେବେ ମୋ ପାଶେ ଆସ ଖାଲି
ହୋଇଯାଏ ମୋ ଭିତରର ସର୍ବସ୍ୱ ।



ଖାଲି ଓ ଖାଲିପଣର କିଛି କାରଣ ନଥାଏ ଖାଲି ହେବାଟା ଯେବେ
ଦୂରୁକୁ ଦିଶୁଥାଏ ଖାଲି ଭିତରେ ଯୋଡୁଥାଏ ମୁଁ କାଲିକୁ ଖାଲି
ହାତରେ ଯାଉଥାଏ ମୁଁ ଆଗକୁ ।

ଖାଲି କେବେ ନୁହଁ,ଶୂନ୍ୟରେ ଶୂନରେ ଭରା
ଖାଲିର ଅର୍ଥ ନୁହଁ, ସେ ସ୍ଥାନ ଖାଲି ଅପନ୍ତରା !!

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫



# ଅବସୋସ

ନିହାରିକା ରାୟ ବରାଳ



ମୁଁ ତୋ ପାଖରେ ପହଞ୍ଚିଲା ବେଳକୁ
ଅନେକ ଡେରି ହୋଇଯାଇଥିଲା ।
ପକ୍ଷୀ ଉଡ଼ି ଯାଇଥିଲା ପଞ୍ଜୁରୀରୁ ।
ଆମ ଘର "ସ୍ମୃତି"ରେ ଛାଇଯାଇଥିଲା କଳା ଅନ୍ଧାର
ଉଦାସୀନତାର ଗହଳି ଥିଲା ଆମ ଅଗଣାରେ
ଫୁଲମାନେ ଝାଉଁଳି ପଡ଼ିଥିଲେ
ଦଲକାଏ ପଶ୍ଚିମା ପବନରେ ।

ତୋ ପାଖରେ ବସି ରାହାଧରି କାନ୍ଦିଲି
କାନିରେ ସବୁଥର ପରି
ମୋ ଲୁହ ପୋଛି ଦେବାକୁ ତୋ ହାତ ଉଠିଲାନି
ତୋ କୋଳରେ ଶୋଇବାକୁ ଚେଷ୍ଟାକଲି
ତୁ କୋଳେଇ ନେଲୁନି
ମୋ ମୁହଁ, କପାଳ, ମଥାର କେଶ
ଆଉ ଆଗପରି ଆଉଁଷି ଦେଲୁନି
ମୋ ଚୁଡ଼ିସବୁ ଗୋଟି ଗୋଟି କରି ଗଣୁ ଗଣୁ
କହିଲୁନି କାଚ ମୁଠାଟିଏ ତ' ପିନ୍ଧି ମା
କଚଟି ଫୁଙ୍ଗୁଳା ଦିଶୁଚି ।

ପ୍ରତିଥର ହାତ ଧୋଇ ସାରି
ତୋ କାନିରେ ମୁହଁ ପୋଛୁ ଥିବା ମୁଁ
ଆଜି ଲୁହର ନଈରେ ଭାସୁଛି ।
ପ୍ରତିଥର ତତେ ଲୁଚେଇ ଲୁଚେଇ
ମୋ ଛାତିଫଟା ଦୁଃଖକୁ ପିଉ ପିଉ
ତୁ ଧରିନେଉ ତୋ ଅଭିଜ୍ଞ ଆଖିରେ
ତଣ୍ଟିରେ ଅଟକି ଥିବା ମାଛ କଂଟାପରି
ମୋ ସଂସାରୀ ପଣର ଅପରାଗତାକୁ
ତୁ କେତେ ସୁନ୍ଦର ଭାବେ ବୁଝାଇ ଦେଉ ।
ତୋ ନିରାଶକ୍ତ ମନ ସିଲଟରେ

ଏବେ ଆଉ କାହାପାଇଁ
ବ୍ୟସ୍ତ ବିବ୍ରତ ହୋଇ ଧାଇଁ ଯିବି
ଅଗନା ଅଗନି ବନସ୍ତ
କାହାପାଇଁ ଦୁର୍ବାର ଆକାଂକ୍ଷା ନେଇ
ପହଁରି ଯିବି ସମୟର ନଈ
ଅବା ସ୍ୱପ୍ନ ବୁଣିବି
ପ୍ରତିବନ୍ଧକର କଣ୍ଟାଝଟା ନମାନି
ପଡ଼ିଉଠି ସଂପର୍କର ଉଠାଣି ଗଡ଼ାଣି

ତୁ ଏମିତି ପଥର ପାଲଟି ଯିବୁ ବୋଲି
ଯଦି ମୁଁ ଆଗରୁ ଜାଣିଥାନ୍ତି
ତାହେଲେ ସମସ୍ତ ଚେତନ ଅବଚେତନରେ
ମୋର ଏଇ ଭାବପ୍ରବଣତାକୁ
କେବେଠୁ ନିସ୍ତେଜ କରି ଦେଇଥାନ୍ତି ।
ତୋ ଭଲପାଇବାର ଯଜ୍ଞ ବେଦୀରେ
ମତେ ପୁଷିପରି ଲାଗିରହିବାର ପ୍ରଚେଷ୍ଟାକୁ
ନିତିନିତି ସ୍ୱାହା କରୁଥାନ୍ତି ।

ମୁଁ ଏମିତି ଅର୍କ୍ଷିତ ଦୁଃଖଟିଏ
ଆଜି ନୈବେଦ୍ୟ ବାଢୁଛି
ତୋ ଆତ୍ମାର ସଦ୍‌ଗତି ପାଇଁ
ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀରେ
ଅଣ୍ଡାଳୁଚି ତୋ ସ୍ନେହର ଗଭୀରତାକୁ
ପୂଜକଙ୍କ ବେଦ ପାଠରେ ତ
କୀର୍ତ୍ତନର ଝାଂଜ, ଢୋଲକ ରେ
ଅବା ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଲମ୍ବିଥିବା ପଥର
ଶୂନ୍ୟ ନେପଥ୍ୟରେ
ସ୍ତିମିତ ହୋଇଯାଇଥିବା
ମୋ ପ୍ରତିଟି ସ୍ନାୟୁ ଧମନୀରେ

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ଅଜଣା ବାଟୋଇଟିଏ ମୁଁ

ଶୁଭଲକ୍ଷ୍ମୀ ମହାପାତ୍ର



ଜୀବନର ସେଇ
ଅନ୍ଧକାର ବାଟରେ
ଅଜଣା ବାଟୋଇଟିଏ ମୁଁ
ଜାଣିନି ଜୀବନର
ଅଙ୍କାବଙ୍କା ପଥେ
କେତେବାଟ ଚଲିବାକୁ ଅଛି ବାକି...
ତଥାପି...
ଚାଲିଛି, ଚାଲୁଛି ଆଉ ଚାଲୁଥିବି
ସେଇ ଅଜଣା ସପ୍ନର ସନ୍ଧାନରେ...
କିଛି ଆଶା ଆଉ ଆଲୁଅର
ଲୁଚକାଳି ଖେଳ ଭିତରେ
ଜୀବନର ସେଇ ଅନ୍ଧକାର ବାଟରେ
ଦେହ ମୋର ଥକିଯାଏ
ମନ କିନ୍ତୁ ହାରେନା...
କିଛି କ୍ଷଣର ବିରତି ପରେ
ପୁଣି ଚାଲିପଡେ
ସେଇ ଅନନ୍ତ ପଥରେ
ପୁଣି ଏକ ନୂତନ ସପ୍ନର ଆହ୍ୱାନରେ
ମନ ମୋର ଥକେ ନାହିଁ
ନୂଆ ଆଶା ନୂଆ ସପ୍ନ କୁ
ପାଇବା ଆଶାରେ
ଚାଲିଥାଏ ଜୀବନର
ଅନନ୍ତ ପଥରେ...!!



ଓଲଡ୍ ଟାଉନ୍, ଭୁବନେଶ୍ୱର
ମୋ : ୯୦୯୦୫ ୬୭୫୯୭

# କବିତା

ଲକ୍ଷ୍ମୀଧର ପଣ୍ଡା



କବିତା...
ଭାବାବେଗ ଗଙ୍ଗୋତ୍ରୀରୁ ଅନନ୍ତ ସାଗର
ପ୍ଲାବିତ କରେ ମନ ଗାଙ୍ଗେୟ ସମତଳ
ବହୁଦା ବିଭକ୍ତ ହୁଏ ବିବିଧ ଚିନ୍ତାରେ
ଦୁଃଖସୁଖ ନୀରେ ପୂର୍ଣ୍ଣଗଭା ହୃଦୟରେ
ଦ୍ରବିଯାଏ ଅନ୍ତରର ଗଭୀର ପ୍ରଦେଶ
ଆଗ୍ରହରେ ଭାବୁକର ହୁଏ ତନୁସିକ୍ତ
ପ୍ରସଂଶିକା ତରୁଣୀର ତନୁ ହୁଏ ସିକ୍ତା ।

କବିତା...
ସମାଜର ପ୍ରତିଛବି ହୁଅଇ ବିମ୍ବିତ
ଦୁଃଖସୁଖ ଜୀବନର ସମସ୍ତ ଚରିତ୍ର
ବିଳାସର ଗନ୍ତାଘର ଶବ୍ଦେ ରସାଣିତ
କୁହୁକ ଯାଦୁ ମନ୍ତ୍ରରେ ବାନ୍ଧେ ସେ ପାଠକ
ହାଲୁକା କରଇ ପ୍ରାଣ ଘୁଞ୍ଚେ କର୍ମକ୍ଲାନ୍ତ
ନିଦାଘ, ବର୍ଷା, ଶୀତର ହରଇ ପ୍ରକୋପ
ପ୍ରତିଛବି ଆଙ୍କିଥାଏ ସୂକ୍ଷ୍ମ ବାସ୍ତବତା ।

କବିତା...
ସଂସ୍କୃତିର ଅଟେ ସିଏ ଜୀବନ୍ତ ସଂହିତା
ପୁରୁଷାନୁକ୍ରମେ ଏହା ପ୍ରସାରେ ବାରତା
ମାନବବାଦ ସ୍ୱର୍ଗୀୟ ଚେତନାର ସ୍ୱର
ଝଂକୃତ କରଇ ତାର ଶବ୍ଦର ସମ୍ଭାର
ହୃଦୟତନ୍ତ୍ରୀରେ ଖେଳେ ସ୍ୱର୍ଗୀୟ ଆନନ୍ଦ
ବିଭୁ ପଦାଶ୍ରୟୀ ପାଇଁ ଥାଏ ତାର ଛନ୍ଦ
ଯେତେ ପାଠକଲେ ତାର ବଢ଼େ ଜାଜ୍ୱଲ୍ୟତା ।

କବିତା...
ଆଧୁନିକ ଯୁଗ ଏହି ଯାନ୍ତ୍ରିକ ସଭ୍ୟତା
ବ୍ୟସ୍ତବହୁଳ ଜୀବନ ଯହିଁ ଅର୍ଥ ଚିନ୍ତା
ବିଜ୍ଞାନର ବସ୍ତୁବାଦୀ ଭରଇ ଜଡ଼ତା
କ୍ଷୀଣ ହୁଏ ଛନ୍ଦ,ଗନ୍ଧ,ରସ ବିବିଧତା
ଅନ୍ତରର ଅନୁଭୂତି କଳ୍ପନା ପ୍ରସୂତି
ରୂପ କଳ୍ପେ ହୁଏ ତାହା ବିକୃତ ଆକୃତି
ବାସ୍ତବ ଅବାସ୍ତର ହୁଏ ସମ୍ମିଶ୍ରଣ
ସମୟ ସ୍ୱଳ୍ପତା ପାଇଁ କ୍ଷୁଦ୍ର ସଂରଚନ
ସଥିରେ ରହିଛି କିଛି ସ୍ୱର୍ଗୀୟ ଆଭାସ
ମୁକ୍ତି ପାଇଁ ଖୋଜେ ସଦା ମୁକ୍ତିର ନିବାସ
ବହିଯାଏ ଜୀବଧର୍ମ ହୋଇ ଅନ୍ତଃସ୍ରୋତା ।।

କାଳିଆପଦା, ବଳଙ୍ଗା, ପୁରୀ




# ଶେଷ ଟିକେଟ୍

ଅଧାପକ ଅଜୟ ପଟ୍ଟନାୟକ



ଜୀବନ ତ ଏକ ଯାତ୍ରା
ଅନିର୍ଦ୍ଦିଷ୍ଟ, ଅନିରୂପିତ
ଅକଳ୍ପିତ ମନୁଷ୍ୟ ପକ୍ଷେ ।
ଷ୍ଟେସନ ଆସେ, ଷ୍ଟେସନ ଯାଏ
ସହଯାତ୍ରୀ ଉତରନ୍ତି, ଚଢନ୍ତି,
ଜୀବନ ଚାଲିଥାଏ ଗାଡି ଭଳି ।
ଗାଡିର ଅନ୍ତିମ ଷ୍ଟେସନ ଆସେ
ଗାଡି ବଦଳାଇବାକୁ ହୁଏ ।
ଜୀବନର ପରିବର୍ତ୍ତିତ ଅବସ୍ଥାରେ
ନୂଆ ମୋଡରେ ବଦଳିବାକୁ ହୁଏ
ଇଛା ବା ଅନିଛାରେ ।
କ'ଣ ଏହି ଯାତ୍ରାର ଉଦ୍ଦେଶ୍ୟ, ଲକ୍ଷ୍ୟ?
ଖାଲି ଯାତ୍ରା, ଯାତ୍ରା, ଯାତ୍ରା
କିଏ ତାର ନିୟନ୍ତା ?
କାହା ଅଙ୍ଗୁଳି ନିର୍ଦ୍ଦେଶରେ
ପରିଚାଳିତ ଜୀବନ ଚକ୍ରର ଗତିପଥ ?
ଜେନେରାଲ ବଗି, ସ୍ଲିପର କୋଚ
ତୃତୀୟ, ଦ୍ୱିତୀୟ, ପ୍ରଥମ ଶ୍ରେଣୀ
ବାତାନିରୂପିତ କୋଚ
କେଉଁଥିରେ କାହାର ଯାତ୍ରା
ସହଯାତ୍ରୀ କିଏ, ସହଭାଗୀ କିଏ
ସବୁ କଣ ନିରୂପିତ ନୁହେଁ ?
ଭୋକ-ଶୋଷ, ହସ- କାନ୍ଦ
ଦୁଃଖ- ସୁଖ, ଆଶା-ନିରାଶା
ଏ ଜୀବନ ଯାତ୍ରାର ସହଭାଗୀ ।
ଚିହ୍ନା ହୁଏ ଅଚିହ୍ନା
ଅଚିହ୍ନା ହୁଅଇ ଚିହ୍ନା
ରଙ୍ଗ ବଦଳାଏ ଜୀବନ
ମୋଡ ବଦଳାଏ ଜୀବନ
ଅସୁମାରୀ ଏଇ ଯାତ୍ରା ପଥେ ।
ଥକି ଗଲିଣି ପ୍ରଭୁ
ଭାଙ୍ଗି ଗଲିଣି ପ୍ରଭୁ
ଆଉ ପାରୁନାହିଁ ଅଭିନୟ କରି
ତୁମ ନିର୍ଦ୍ଦେଶରେ, ତୁମ ରଙ୍ଗମଞ୍ଚେ
ମୋତେ ବିଶ୍ରାମ ଦିଅ ପ୍ରଭୁ
ଶାନ୍ତି ଦିଅ ପ୍ରଭୁ,
ବିଭିନ୍ନ ଭୂମିକାରେ ଅଭିନୟ କରି
ଥକି ଗଲିଣି ମୁଁ ।
ମୃତ୍ୟୁ ଭଳି ଶାନ୍ତି ମୋର କାମ୍ୟ
ମୋର ଶେଷ ଷ୍ଟେସନରେ
ପହଞ୍ଚାଇ ଦିଅ ପ୍ରଭୁ
ମୋର ଶେଷ ଟିକେଟ କାଟି ଦିଅ ।



କୃଷ୍ଣଦାସ ପୁର, ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୯୩୭୫ ୭୯୩୫୯



# କର୍ମଯୋଗୀ ଗୋପବନ୍ଧୁ

ମାନଗୋବିନ୍ଦ ବାରିକ



ଆହେ କର୍ମଯୋଗୀ    କର୍ମର ସାଧକ
କର୍ମଥିଲା ମାନଦଣ୍ଡ,
ଜାତୀୟ ଚେତନା    ବିଶ୍ୱଜନ ପ୍ରୀତି
ଭାବନାର ମୂଳପିଣ୍ଡ ।
ହେ ସତ୍ୟବାଦୀର    ସତ୍ୟ ସନ୍ଧ ଯୋଗୀ
ଜାତିର ମଉଡ଼ମଣି,
ହେ ! ମାଟି ମାଆର    ଯୋଗଜନ୍ମା ପୁତ୍ର
ଧନ୍ୟ ହେ ଉତ୍କଳମଣି ।
ଶିକ୍ଷକ, ଲେଖକ,    ବାଗ୍ମୀ, ନେତା, କବି
ସଂଯୋଜକ, ସଂଗଠକ,
ସମାଜ ସେବକ    ସୁବ୍ୟବସ୍ଥାପକ
ଆଇନଜ୍ଞ, ସମ୍ପାଦକ ।
ମହାର୍ଘ କବିତା    ବନ୍ଦୀ ଆତ୍ମକଥା,
ଧର୍ମପଦ, ଗୋମହାତ୍ମ୍ୟ,
କାରାର କବିତା,    ଅବକାଶ ଚିନ୍ତା,
ନଚିକେତା ଉପାଖ୍ୟାନ ।
ଆହେ ଗୋପବନ୍ଧୁ    କୋଟି ପ୍ରାଣବିନ୍ଦୁ
ତ୍ୟାଗ ସେବା ମହା ସିନ୍ଧୁ,
ଦୟା କରୁଣାର    ପ୍ରଶାନ୍ତ ସାଗର
ଉତ୍କଳ ଗଗନ ଇନ୍ଦୁ ।
ମାନବ ସେବାକୁ    ମାଧବ ସେବାରେ
ଜୀବନର ବ୍ରତ କରି,
ପରାର୍ଥ କଲ୍ୟାଣେ    ପରାଣ ଉତ୍ସର୍ଗେ
ଥିଲ ଜାଗ୍ରତ ପ୍ରହରୀ ।

କାପୁରୁଷ ପରି    ମରି ଶିଖିନାହଁ
କାତରତା ଠାରୁ ଦୂରେ,
ପରହିତ ସାଧି    ମରିବାର ପଣ
ସୁପୁରୁଷ କରିପାରେ ।
ଜାତୀୟତା ଭାବ    ବୌଦ୍ଧିକ ଚେତନା
ଚିନ୍ମୟ ଚିନ୍ତାର ତନ୍ତ୍ର,
ପ୍ରଗତି ଗାଡ଼ରେ    ପୁରୁ ମାଂସ, ହାଡ଼
ପ୍ରଚାରିଲ ମହାମନ୍ତ୍ର ।
ନ ସହିବେ କେହି    ଦୁଃଖ ନିର୍ଯ୍ୟାତନା
ନମରିବେ କେହି ଭୋକେ,
ସମନ୍ୱୟ ଚିନ୍ତା    ସାମ୍ୟ ସଦ୍ଭାବନା
ନରହିବେ କେହି ଦୁଃଖେ ।
ପଛଘୁଞ୍ଚା ନାହିଁ    ବୀରର ଜାତକେ
ହେଉ ଓଡ଼ିଆଙ୍କ ପଣ,
ତୋଷାମଦି ଭାର    ନବୁହ କାନ୍ଧରେ
ଶିଖାଇଲ ସ୍ୱାଭିମାନ ।
ନାହିଁ ହେ ପୂଣ୍ୟାତ୍ମା    ଜାତି ବରପୁତ୍ର
ଘୁଞ୍ଚୁନି ଜାତି କଷଣ,
ଉତ୍କଳର ନେତା    ନାହିଁ ପ୍ରୟୋଜନ
ନେତା ନିଜେ ନାରାୟଣ ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ମା'

ରଞ୍ଜିତା ତ୍ରିପାଠୀ



ମା'
ସେ ଆନନ୍ଦମୟୀ କରୁଣାମୟୀ
ପ୍ରୀତି ମନ୍ଦାକିନୀ ସ୍ୱଚ୍ଛସଲୀଳା ।
ସ୍ନେହବୋଳା ଅଟେ ତାର ପଣତ
ମନ୍ଦିର ନେତରୁ କମ୍ ନୁହେଁତ
ଜୀବନରେ ଯେତେ ଆସୁ ବିପଦ
ଯେତେ ଝଡଝଞ୍ଜା ଅବା ପ୍ରମାଦ
ଠିଆହୋଇଥାଏ ଆଡୁଆଳ କରି
ସତେ ଅବା ମେଘନାଦ ପାଚେରୀ
ତାର କରୁଣା ବାରି ପଡ଼ଇ ଝରି
ସନ୍ତାନମାନଙ୍କ ମଙ୍ଗଳ ପାଇଁ
ବକ୍ଷେ ସାଇତିଛି ଯେତେ ଅମୃତ
ଜଗତେ ତୁଳନା ଯାର ନାହିଁତ
ଘରର ଅଟଇ ସେ ଅନ୍ନପୂର୍ଣ୍ଣା
ଖୋଇବାରେ କେବେ କରେନି ଊଣା
ମୁହଁ ଶୁଖାଇ ମୁଁ ବସଇ ଯେବେ
ମନ କଥା ବୁଝି ପାରଇ ତେବେ
ନିଜ କଥା କେବେ ଚିନ୍ତା କରେନି
ନିଜ ଖାଦ୍ୟପେୟ କଥା ବୁଝେନି
ଘରର ସେ ଅଟେ ମଉଡ଼ମଣୀ
ଶୁଭ ପ୍ରଦାୟିନୀ କଲ୍ୟାଣକାରିଣୀ

ଶୈଳଶ୍ରୀ ବିହାର, ଭୁବନେଶ୍ୱର

# ଲୀଳା ଖେଳା

ଶମ୍ଭୁନାଥ ରାଉଳ

ସତେ କ'ଣ ସଂସାରଟା
ଯୁଗେ ଯୁଗେ ଏଇମିତି ଚାଲିଥାଏ
ସ୍ୱାର୍ଥପରତା, ଭ୍ରଷ୍ଟାଚାର, ବ୍ୟଭିଚାର
ଆତଙ୍କବାଦର କଳାମେଘ
ଅନ୍ୟାୟ ଅସତ୍ୟ
କଷଣ, ଶୋଷଣ ଭଳି
ଯେତେ ସବୁ ଅବିଗୁଣେ
ପରିପୂର୍ଣ୍ଣ ହୋଇ ?
ସୃଷ୍ଟି କ'ଣ ସମ୍ଭବ ହୋଇପାରେନା
ସତ୍ୟବାଦୀ, ମହତ, ଆଦର୍ଶ
ସଚ୍ଚରିତ୍ର ମଣିଷଙ୍କୁ ନେଇ ?
ସତେ କ'ଣ ସମ୍ଭବ ହୁଏନା ସୃଷ୍ଟି
ରାବଣ ଓ ଦୁର୍ଯ୍ୟୋଧନମାନଙ୍କ ବିହୁନେ
ପ୍ରଶ୍ନବାଚୀ ଉଠେ ମନେ
ସୃଷ୍ଟିର ଏ ବିଚିତ୍ର ବିଧାନେ
ଅନନ୍ତ ରହସ୍ୟେ ଭରା ଏ ଜଗତେ
ଦଇବ ସିନା ଦଉଡ଼ି
ମଣିଷ ତ ଗାଈ
ଯେଣିକି ଟାଣଇ ସିଏ
ତେଣିକି ତ ଯାଇ।
ଏ କଥାଟି ଖୁବ୍ ସତ
ବୃକ୍ଷଲତା, ଜୀବଜନ୍ତୁ
କୀଟ ଓ ପତଙ୍ଗ ଠାରୁ
ମଣିଷ ପର୍ଯ୍ୟନ୍ତ
ଗୋଟିଏ ନିୟମେ ବନ୍ଧା
ବ୍ୟତିକ୍ରମ ନାହିଁ।
ଏଠି, ଭଲ, ମନ୍ଦ, ଦୁଷ୍ଟ, ଶିଷ୍ଟ
ସଭିଏଁ ସମାନ
ସର୍ବେ ଏକାକାର
ଚାଲିଥାନ୍ତି ଗୋଟିଏ ରାସ୍ତାରେ
ଦଇବ ନିର୍ଦ୍ଦେଶେ
ବୁଝିଗଲି ଶେଷେ ତେଣୁ
ସଂସାରର ଏ ବୈଚିତ୍ର୍ୟ
ବିଶ୍ଳେଷଣେ କିଛି ଅର୍ଥ ନାହିଁ।
ବରଂ ଭଲ ନିରବରେ ଦେଖିନେବା
ସହିନେବା ସୃଷ୍ଟିର ଏ ବିଚିତ୍ର ବେଭାର
ଯେତେ ସବୁ ଲୀଳାଖେଳା
ନିରାସକ୍ତ ଭାବେ।




ଇନ୍ଦିରା ହାଉସି କଲୋନି, ଶିଶୁପାଳଗଡ,
ଭୁବନେଶ୍ୱର -୭୫୧୦୦୨
ମୋ - ୯୩୩୮୦୧୧୧୮୩

# ବର୍ଷା



ନମିତା ପାଇକରାୟ

ବର୍ଷା ଏବେ ଭିଜି ଭିଜି ଚାଲୁ ଥିଲା
ଶ୍ରାବଣ ର ସବୁଜ ପଥରେ
ଲାଜେଇ ମେଘ ରହି ରହି ଓଢ଼ଣା
ଟାଣୁଥିଲା ଆକାଶ ବୁକୁରେ
ସାତତାଳ ମୃଣ୍ମୟୀ ମନ୍ଦିର ଭିତରୁ
ଥିରି ଥିରି ପାଦରେ ଚାଲିଛନ୍ତି
ସାଧବ ର ବଧୂ ମାନେ
କୋମଳ ଲାଲି ଗାଲିଚା ବିଛାଇ
ବସୁନ୍ଧରା ବିଶ୍ବାସ ବନ୍ଧୁର ବକ୍ଷରେ
ପୂର୍ବ ଦିଗ ପର୍ବତ ପଛ ରେ
ବାଳାରୁଣ ଗୈରିକ ବସନ ସହ ମୁକୁଟ
ପିନ୍ଧି ତେଜସ୍ବୀ ଲାଲି କିରଣ ରେ
ଆଶ୍ଵାସନାର ବାର୍ତ୍ତା ବିତରିଲେଣି ବିଶାଳ ନଭରେ
ପୃଥିବୀ ଗାଉଛି ସଂଗୀତ ଏକ ମଧୁର ମୂର୍ଛନା ରେ
ମରାଳ ମାଳା ଉଡି ଯାଉଛନ୍ତି ନୀଡ ତେଜି ଖାଦ୍ୟ ଅନ୍ବେଷଣ ରେ
ବୃକ୍ଷ ଏବେ କୋଳାହଳ ଶାବକ ଙ୍କ ଶବ୍ଦ ରେ ବୃକ୍ଷସବୁ ଶୁଦ୍ଧ
ସ୍ନାତ ଅମୃତ ଜଳ ରେ



ବର୍ଷା ଆସୁଛି ଯାଉଛି ଆପଣା ଇଚ୍ଛାରେ
ବର୍ଷା ଯାଉଛି ବେଳ ଅବେଳରେ ଏଇ ଅବନୀରେ
ଶ୍ରାବଣ ର ଘନଘୋର ନିଛୁମ ରାତିରେ
ଭୟ ଲାଗେ ଝିଙ୍କାରୀ ର ସଂଗୀତ ପ୍ରିତିରେ
ଉଛୁଳା ସ୍ରୋତ ତଟିନୀ ର ଭ୍ରମ କରେ ପଥପ୍ରାନ୍ତ ରେ
ତଥାପି ମଣିଷ ମୋହାଛନ୍ନ ହୁଏ ପଲକ ବିଛାଏ
ନୂତନ ଶବ୍ଦ କୁ ଅଭିମନ୍ତ୍ରିତ କରେ
ଅନୁଭୂତି କୁ ସଜାଏ କାଗଜ ର ଶ୍ଵେତ ପାଖୁଡ଼ାରେ ଏଇ ଶ୍ରାବଣ ରେ...

ପ୍ଲଟ୍ ନଂ-୩୫୨, ସେକ୍ଟର୍ -୫,ନିଳାଦ୍ରୀ ବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୨୧
ମୋ : ୯୮୬୧୩୮୫୦୪୬





Publisher : Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ



Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Email : epatrika.cspursahityasansad@gmail.com

Website: www.cspursahityasansad.com